THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା

ରବିବାର ମ୍ୟାଗାଜିନ୍ ● ରବିବାର, ୧୯ ଜାନୁଆରୀ, ୨୦୨୫



ମନୋରଞ୍ଜନ

ତୁ ଖରା ମୁଁ ଛାଇ'ର ନୂଆ ରୋମାଞ୍ଚ



# ସୌରଜଗତ ବାହାରେ ବିଚିତ୍ର ଦୁନିଆ

# ସ୍ୱାମୀ ବିବେକାନନ୍ଦ

୨୨

■ ମନୋଜ କୁମାର ମହାପାତ୍ର



କନ୍ୟାକୁମାରୀରୁ ଫେରି ମାନ୍ଦ୍ରାଜ, ହାଇଦ୍ରାବାଦ, ରାଜସ୍ଥାନ, ବମ୍ବେ ପ୍ରଭୃତି ପ୍ରମୁଖ ସ୍ଥାନ ପରିଦର୍ଶନ କରି ସିଂହନାଦ କଲେ ସ୍ୱାମିଜୀ। ସତେକି ଅମରାବତୀ ନନ୍ଦନକାନନରୁ ପଳାୟନ କରି ଆସିଛି ସିଂହ। ସମଗ୍ର ଭାରତବର୍ଷ କମ୍ପିଉଠିଲା। ଭୟରେ ନୁହେଁ - ସମ୍ମୋହିତ ମନ୍ତ୍ରରେ। ଯୁଗଯୁଗ ଧରି ସୁପ୍ତ ଚେତନା ସଭିଙ୍କ ଭିତରୁ ମୁଣ୍ଡ ଟେକି ଚାହିଁଲା ଯେମିତି ସୁମଧୁର ବଂଶୀ ସ୍ୱରରେ ବିଳ ମଧ୍ୟରୁ ନାଗ ଫଣାଟେକି ଏକ ଲୟରେ ଚାହେଁ। କି ସମ୍ମୋହନର ଆହ୍ୱାନ: ହେ ଭାରତବାସୀ! ସୁପ୍ତ କାହିଁକି ? ତୁମ ଭିତରେ ସର୍ବଶକ୍ତିମାନ ଇଶ୍ୱର ବିଦ୍ୟମାନ। ସର୍ବ ସମାଧାନର ବୀଜ ନିହିତ ସେହି ଶକ୍ତିରେ। ସେହି ଶକ୍ତି ତୋର ଆପଣାର। ବ୍ରହ୍ମାଣ୍ଡ ଚୂର୍‌ମାର ହୋଇଗଲେ ବି ତୋର ଅନ୍ତର୍ନିହିତ ଶକ୍ତିକୁ କେହି ବଳ ପ୍ରୟୋଗ କରି ଛିନ୍ନ କରିପାରିବ ନାହିଁ। କାରଣ ଶକ୍ତିର ଲୀଳା ଯୋଡ଼ିଦିଏ ବ୍ରହ୍ମାଣ୍ଡକୁ। ରେ ଅଜ୍ଞାନ! କ୍ରନ୍ଦନରତ କାହିଁକି ? ତୁମେ ପରା ଅମୃତର ସନ୍ତାନ। ଥରେ ଆଖି ଖୋଲି ଦେଖ୍ - ଅଣ୍ଟାଭିଡ଼ି ଠିଆହୁଅ - ଆକାଶଭେଦୀ ବଜ୍ରନିର୍ଘୋଷରେ କୁହ - ଉତିଷ୍ଠତ, ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ। ଉଠ, ଉଠ ଜାଗ- ଚରୈବେତୀ। ଭଗବତ୍ ଗୀତାର ବାଣୀକୁ ବାରମ୍ବାର ମନେପକାଅ- କ୍ଲୈବ୍ୟଂ ମାସ୍ମ ଗମଃ ପାର୍ଥଃ, ନୈତତ୍ତ୍ୱୟୁପପଦ୍ୟତେ, କ୍ଷୁଦ୍ରଂ ହୃଦୟ ଦ୍ରୌବଲ୍ୟଂ ତ୍ୟକ୍ତତ୍ୟଷ୍ଟ ପରନ୍ତପଃ। ସର୍ବଶକ୍ତିସମ୍ପନ୍ନ ହେଇ ବି ଏପରି କ୍ଲୈବତ୍ୱ ତୁମକୁ ଶୋଭାପାଏ ନାହିଁ। ହେ ବୀର, ଶତ୍ରୁଜୟୀ ହୁଅ - ଭିତରେ ଓ ବାହାରେ। ବେଦାନ୍ତ ବାଣୀର ସେହି ପୁରାତନ ଶ୍ଳୋକକୁ ସ୍ମରଣ କର: ସିଂହଭଳି ପିଞ୍ଜରା ଭାଙ୍ଗି ବାହାରିପଡ଼ ମହାରଣ୍ୟକୁ। ନିର୍ଗଛତି ଜଗଲାତ୍ ପିରାଦିବ କେଶରୀ - ଅଜ୍ଞାନ କାରାବକ୍ଷର ଦ୍ୱାର ଭାଙ୍ଗି ବାହାରି ଆତ୍ମାନୁଭୂତିର ମହାନନ୍ଦରେ ମଜ୍ଜିଯାଅ।

ସ୍ୱାମୀ ବିବେକାନନ୍ଦଙ୍କର ବେଦାନ୍ତର ପ୍ରାଣବନ୍ତ ବାଣୀ ସହସ୍ର କଣ୍ଠରେ ଉଚ୍ଚାରିତ ହେଲା। 'ଶିବଜ୍ଞାନେ ଜୀବ ସେବା' ମନ୍ତ୍ରରେ ବିଭିନ୍ନ ସ୍ତରର ବ୍ୟକ୍ତି କ୍ରମଶଃ ପ୍ରଭାବିତ ହେଲେ। ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଭବିଷ୍ୟତ ପାଇଁ ଏକ ବିପ୍ଳବର ବୀଜ ଭାରତ ମାଟିରେ ବପନ କଲେ। ସମାଜ ଦର୍ଶନରେ ବ୍ୟଷ୍ଟି ସମଷ୍ଟିର ସକଳ ସମସ୍ୟାର ସମାଧାନର ପଥ ଉନ୍ମୋଚିତ ହେଲା ଜୀବ ଶିବ-ତତ୍ତ୍ୱ ଭିତ୍ତି ଉପରେ। ଅରଣ୍ୟରେ ଜନ୍ମ ନେଇଥିବା ବେଦାନ୍ତ ସ୍ୱଚ୍ଛତୋୟା ଅଳକାନନ୍ଦା ସମ ଲୋକାଳୟକୁ ସେ ନେଇ ଆସିଲେ। ସାରା ଭାରତବର୍ଷ ପ୍ଳାବିତ ହେଲା ଶିବଙ୍କର ଜଟା ମଧ୍ୟରୁ ନିର୍ଗତ ବେଦାନ୍ତବାଣୀର ସିବନୀ ସୁଧା ଧାରାରେ। କେବଳ ଭାରତବର୍ଷରେ ଏହି ଧାରାକୁ ସୀମିତ ନ ରଖି ସମଗ୍ର ବିଶ୍ୱରେ ଖେଳେଇ ଦେବା ପାଇଁ ସହାୟତାର ନିବେଦନ ସ୍ୱାମିଜୀଙ୍କ ପାଖରେ ପହଞ୍ଚିଥିଲା।

ବିଦେଶ ଯିବାକୁ ହେବ। ପୃଥିବୀର ସବୁଠୁ ପୁରାତନ ବେଦାନ୍ତ ତତ୍ତ୍ୱକୁ ଅବଗତ କରାଇ ଜ୍ଞାନଦୀପ ସବୁରି ହୃଦୟରେ ଜଳାଇବାକୁ ପଡ଼ିବ। ଧନୀ, ଦରିଦ୍ର, ରାଜା, ମହାରାଜା ଆଗେଇ ଆସିଲେ। ମୁକ୍ତ ହସ୍ତରେ କଲେ ଦାନ। ସ୍ୱାମିଜୀ ଚିକାଗୋ ଧର୍ମସଭାରେ ଯୋଗ ଦେବାପାଇଁ ମନସ୍ଥ କଲେ। ଦିବ୍ୟଦର୍ଶନରେ ଦେଖିଲେ ଶ୍ରୀ ରାମକୃଷ୍ଣ ମହାସାଗର ଉପରେ ଚାଲିଯାଉଛନ୍ତି ଏବଂ ହାତଠାରି ଡାକୁଛନ୍ତି ତାଙ୍କୁ ଅନୁସରଣ କରିବା ପାଇଁ। ସ୍ୱାମିଜୀ ବୁଝିଗଲେ ଠାକୁରଙ୍କର ନିର୍ଦ୍ଦେଶ: 'ହେ ବୀର! ଭାରତବର୍ଷରେ କେବଳ ଆବଦ୍ଧ ହୁଅନାହିଁ। ସମଗ୍ର ପୃଥିବୀକୁ ଭ୍ରମଣ କର। ଈଶ୍ୱରପ୍ରେମ ଜାତି, କୁଳ, ଦେଶ ଗଣ୍ଡି ଭିତରେ ଆବଦ୍ଧ ରହି ପଚିଯିବାର ବସ୍ତୁ ନୁହେଁ। ଏହା ଅନ୍ତରୁ ଅନନ୍ତ, କ୍ଷୁଦ୍ରରୁ ବ୍ରହ୍ମାଣ୍ଡ/ଭୂମା, ଗୃହରୁ ବିଶ୍ୱ - 'ମୁଁ'ରୁ ତୁମେ, ଉତ୍ତୀର୍ଣ୍ଣ କରିବାର ଅଗ୍ନିଦୀକ୍ଷା।''

କିନ୍ତୁ ମାତା ଠାକୁରାଣୀ ଶ୍ରୀ ଶ୍ରୀ ସାରଦା ଦେବୀଙ୍କ ନିର୍ଦ୍ଦେଶ ନ ମିଳିଲେ ଯିବେ କେମିତି ସଦାଶିବ ରୂପୀ ବିବେକାନନ୍ଦ। ପରିବ୍ରାଜକ ଜୀବନ ଆରମ୍ଭ କରିବା ପୂର୍ବରୁ ମାଆ ସାରଦାଙ୍କ ପାଦର ରେଣୁ ମୁଣ୍ଡରେ ମାରି ଅନୁମତି ନେଇଥିଲେ ସ୍ୱାମିଜୀ। ପୁଣି ବିଦେଶ ଯିବା ପାଇଁ ଅନୁମତି ଲୋଡ଼ିଲେ। ଶିବ, ଶକ୍ତିର ଅଧୀନ। ଶକ୍ତିଙ୍କର ଅନୁମତି ବିନା କିଛି ହିଁ ସମ୍ଭବ ନୁହେଁ। ମାଆ ବୁଝିଗଲେ ପୁତ୍ରର ମନକଥା। ବୁଝିଗଲେ ଶ୍ରୀ ଠାକୁରଙ୍କର ଇଚ୍ଛା; ଇଚ୍ଛାମୟଙ୍କର ଲୀଳା। ପତ୍ର ଦ୍ୱାରା ଜଣାଇଦେଲେ ନିଜର ଅନୁମତି। ସ୍ୱାମିଜୀ ପତ୍ରପାଇ ଆନନ୍ଦରେ ନାଚିଉଠିଲେ। ମୁଖମଣ୍ଡଳ ଆନନ୍ଦାଲୋକରେ ହୋଇଉଠିଲା ଉଦ୍‌ଭାସିତ। 'ନରେନ୍ ଶିକ୍ଷା ଦେବ'ର ଭବିଷ୍ୟତବାଣୀ ଶିହରିତ ହେଲା ପ୍ରତ୍ୟେକ ତନ୍ତୁରେ। ସ୍ୱାମୀ ବିବେକାନନ୍ଦ ଏକ ବ୍ୟକ୍ତି ଭାବେ ଏଥର ଯିବେ ନାହିଁ; ଶ୍ରୀ ରାମକୃଷ୍ଣ ଯିବେ ସ୍ୱାମୀ ବିବେକାନନ୍ଦ ରୂପରେ। ବ୍ରହ୍ମ ଯିବେ ଶିବଶକ୍ତିକୁ ନେଇ। ସାରା ବିଶ୍ୱରେ ଚହଳ ପକାଇବ ବେଦାନ୍ତର ବାଣୀ। ବାନ୍ଧିଦେବ ସଭିଙ୍କୁ ଭାତୃପ୍ରେମରେ - ଈଶ୍ୱରଙ୍କର ବରପୁତ୍ର ଭାବରେ। ଜ୍ଞାନଦୀପ୍ତ ସନ୍ନ୍ୟାସୀଙ୍କର ଆମେରିକା ଅଭିମୁଖେ ଯାତ୍ରା ଆରମ୍ଭ ହେଲା। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯

# କ୍ରୋଧରୁ ମୁକ୍ତି



କ୍ରୋଧ ହେଉଛି ମନୁଷ୍ୟର ପରମ ଶତ୍ରୁ। ସଂସାରରେ କ୍ରୋଧଠାରୁ ଅଧିକ ବିନାଶକାରୀ ତତ୍ତ୍ୱ କିଛି ନାହିଁ। ବେଳେବେଳେ ଛୋଟ ଛୋଟ କଥା ପାଇଁ କ୍ରୋଧ ଆସିଥାଏ। ସେହି କ୍ରୋଧର ଅଗ୍ନିରେ ସବୁ ସମ୍ପର୍କ ଜଳିପୋଡି ପାଉଁଶ ହୋଇଯାଇଥାଏ। ଏକଥା ସମସ୍ତେ ଜାଣନ୍ତି, କିନ୍ତୁ କ୍ରୋଧବିହୀନ ବୋଲି କେହି ନିଜକୁ କହି ପାରିବେ ନାହିଁ। କ୍ରୋଧର ନିଜର ଅବଗୁଣ ନୁହେଁ। ଏହା ହେଉଛି ଅବଗୁଣର ଏକ ଅଭିବ୍ୟକ୍ତି। କ୍ରୋଧ ନକରିବା କଥା କହିବା, ପାଣିରେ ବୁଡ଼ି ଯାଉଥିବା ବ୍ୟକ୍ତିକୁ ପହଁରିବା ଶିଖିବା ପାଇଁ ଉପଦେଶ ଦେବା ସଦୃଶ। ଆଶ୍ଚର୍ଯ୍ୟର କଥା ହେଉଛି କ୍ରୋଧ ନିୟନ୍ତ୍ରଣକୁ ନେଇ ବ୍ୟାପକ ଚର୍ଚ୍ଚା ହେଉଛି। ବଜାରରେ ଏହାକୁ ନେଇ ଅନେକ ପୁସ୍ତକ ରହିଛି। କେତେ ଗୁଡିଏ ଚିକିତ୍ସା ପଦ୍ଧତି ଦ୍ୱାରା ଏହାର ଔଷଧ ମଧ୍ୟ ଉପଲବ୍ଧ। ଯଦି ପହଁରିବା ଜାଣି ନାହାଁନ୍ତି, ତେବେ ପାଣିକୁ ଯିବା ପୂର୍ବରୁ ଚିନ୍ତା କରିବା ଦରକାର ଯେ, ପାଣିରେ ବୁଡିଗଲେ ମୋତେ କେହି ରକ୍ଷା କରିପାରିବେ ନାହିଁ। ଯଦି କିଛି ଅବଗୁଣ ଅଛି, ତେବେ କ୍ରୋଧକୁ ରୋକିବା ଅସମ୍ଭବ। ମନୁଷ୍ୟ ସେତେବେଳେ କ୍ରୋଧିତ ହୋଇଥାଏ ଯେତେବେଳେ ତା'ର ମନ ଅନୁଯାୟୀ ସବୁକିଛି ସମ୍ଭବ ହୁଏ ନାହିଁ। ମନୁଷ୍ୟକୁ ଧନ, ସମ୍ପତ୍ତି, ପଦ, ପ୍ରତିଷ୍ଠା, ମାନ, ମର୍ଯ୍ୟାଦା ପ୍ରତି ଅତ୍ୟନ୍ତ ଆକର୍ଷଣ ରହିଅଛି। ଯେତେବେଳେ ଏମାନଙ୍କ ଉପରେ ଆଞ୍ଚ ଆସେ, ସେତେବେଳେ କ୍ରୋଧ ଉତ୍ପନ୍ନ ହୁଏ। କ୍ରୋଧର ମୂଳ ହେଉଛି ଲୋଭ। ଯେତେବେଳେ ତାଙ୍କର ପରିବାର, ସାଙ୍ଗସାଥୀ, ବନ୍ଧୁ, ପ୍ରିୟଜନ ସମ୍ପର୍କୀୟମାନେ ତାଙ୍କ ଦ୍ୱାରା ଆଘାତ ପାଆନ୍ତି, ସେତେବେଳେ କ୍ରୋଧ ସେମାନଙ୍କ ପ୍ରତି ମୋହ କାରଣରୁ ସୃଷ୍ଟି ହୁଏ। ଏପରିକି ମନୁଷ୍ୟର କାମନା ବାଧାପ୍ରାପ୍ତ ହେଲେ କ୍ରୋଧ ଜାଗ୍ରତ ହୁଏ। ଯେ ପର୍ଯ୍ୟନ୍ତ ମନୁଷ୍ୟ ଲୋଭ, ମୋହ, କାମନା ବାସନା ସାଗରରେ ବୁଡି ରହିଥିବ, ସେ ପର୍ଯ୍ୟନ୍ତ କ୍ରୋଧ ତାକୁ ବୁଡ଼ାଇ ରଖିବ। କାରଣ ଏହା ସମ୍ଭବ ନୁହେଁ ଯେ ତା' ମନ ମୁତାବକ ଇଚ୍ଛା ସର୍ବଦା ପୂରଣ ହେବ। ସବୁବେଳେ ଯିଏ ଯାହା ଇଚ୍ଛା କରୁଛନ୍ତି ତାହା ହୋଇପାରେ ନାହିଁ। ଅନେକଙ୍କ କ୍ଷେତ୍ରରେ ଏପରି ମଧ୍ୟ ହୋଇଥାଏ, ସେମାନେ ସଫଳତା ଓ ଉପଲବ୍ଧିରେ ଅଭ୍ୟସ୍ତ ହୋଇଯାଆନ୍ତି । ସେମାନେ ଭାବନ୍ତି କାମଧେନୁ ସେମାନଙ୍କ ହାତକୁ ଆସି ଯାଇଛି, କିନ୍ତୁ ବାସ୍ତବରେ ଏହା ଏକ ଭ୍ରମ। ସଂସାରରେ ଆଜି ପର୍ଯ୍ୟନ୍ତ ଏଭଳି ହୋଇନାହିଁ । ତେଣୁ ଯେତେବେଳେ ଅସଫଳତା ଆସିଥାଏ, ମନକାମନା ପୂରଣ ହୋଇ ନଥାଏ। ତେଣୁ ସେ ପ୍ରବଳ କ୍ରୋଧାଗ୍ନିରେ ଅଭିଭୂତ ହୋଇଯାଏ। ମନୁଷ୍ୟ ଖାଲି କ୍ରୋଧ ନୁହେଁ, ଲୋଭ, ମୋହ ଓ ଅହଂକାରକୁ ନିୟନ୍ତ୍ରଣ କରିବା ଶିଖିବା ଉଚିତ୍। ଯେତେବେଳେ ମନୁଷ୍ୟ ବିଶ୍ୱାସ କରେ ଯେ ଭଗବାନ ହେଉଛନ୍ତି ଏ ସୃଷ୍ଟିର ସୃଷ୍ଟିକର୍ତ୍ତା। ସେ ହେଉଛନ୍ତି ରକ୍ଷକ ଏବଂ ସବୁକିଛି। ତାଙ୍କର ଇଚ୍ଛା ଅନୁଯାୟୀ ସବୁକିଛି ଘଟୁଛି। ତେବେ ତା' ମଧ୍ୟରେ ଏକ ପବିତ୍ର ଭାବ ସୃଷ୍ଟି ହୁଏ। ମନୁଷ୍ୟ ପାଖରେ ଯାହା କିଛି ଅଛି, ତାହା ଭଗବାନଙ୍କ ଏକ ଉପହାର। ତେଣୁ ବିଶ୍ୱନିୟନ୍ତା ପରମେଶ୍ୱର ଯାହା ଚାହିଁବେ, ତାହା ହିଁ ହେବ। ଆମ ମନରେ ଚିନ୍ତାଧାରାରେ ପ୍ରବେଶ କରିବା ଦରକାର ଯେ, ଲୋଭ, ମୋହ, ଅହଂକାର ଓ ଅତ୍ୟଧିକ କାମନାକୁ ପରିତ୍ୟାଗ କରି, ସୁନ୍ଦର ଜୀବନ ଅତିବାହିତ କରିବା। ଏହା ହିଁ ହେବ ଜୀବନର ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ଅଭ୍ୟାସ। ତେଣୁ ଯେକୌଣସି ପରିସ୍ଥିତି ହେଉ ନାକାହିଁକି ସବୁବେଳେ ହସ ହସ ମୁହଁରେ ରହିବା ଉଚିତ୍। ଯେ କୌଣସି କଥା ହେଉ ନା କାହିଁକି ହଠାତ୍ ରାଗି ନଯାଇ ତା' ଉପରେ ଗଭୀର ଚିନ୍ତନ କରିବା ଦରକାର। କେବେ ବି କୌଣସି କାରଣ ପାଇଁ କ୍ଷଣିକ ଆବେଗ ହୋଇ ପ୍ରତିକ୍ରିୟା ରଖିବା ଉଚିତ୍ ନୁହେଁ। ଏହାଦ୍ୱାରା ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ସବୁ ପରିସ୍ଥିତିରେ ନିଜକୁ ଗମ୍ଭୀରତାର ସହ ଦେଖିବା ଦରକାର। ତା' ପରେ ଯାଇ ପଦକ୍ଷେପ ନେବା ଉଚିତ୍। ଏହାସହ ହସିବାର ଅଭ୍ୟାସ ମଧ୍ୟ କରିବା ଦରକାର। ଏହାଦ୍ୱାରା ବ୍ୟକ୍ତିତ୍ୱରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସହାୟକ ହେବ।

ଲଳିତ ମୋହନ ମିଶ୍ର,
କୁରାଳ, ନୟାଗଡ଼, ଫୋନ୍-୯୪୩୭୯୮୫୮୬୬



# ସୌରଜଗତ ବାହାରେ ବିଚିତ୍ର ଦୁନିଆ


**ଆମ ସୌରଜଗତରେ ପୃଥିବୀ ସମେତ ଆଠଟି ଗ୍ରହ ସୂର୍ଯ୍ୟକୁ ପରିକ୍ରମଣ କରୁଛନ୍ତି। ସୂର୍ଯ୍ୟ ହେଉଛି ଆକାଶଗଙ୍ଗା ଗାଲାକ୍ସିରେ ଥିବା କୋଟି କୋଟି ନକ୍ଷତ୍ର ମଧ୍ୟରୁ ଗୋଟିଏ ସାଧାରଣ ନକ୍ଷତ୍ର। ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ଗାଲାକ୍ସି ଅଛି ଏବଂ ପ୍ରତ୍ୟେକ ଗାଲାକ୍ସିରେ କୋଟି କୋଟି ନକ୍ଷତ୍ର ଅଛି। ଆମ ସୌରଜଗତ ଭଳି ଅନ୍ୟ ନକ୍ଷତ୍ରଗୁଡ଼ିକର ଚାରି ପାଖରେ ମଧ ଗ୍ରହ ଘୂରୁଛନ୍ତି। ମାତ୍ର ସମଗ୍ର ବିଶ୍ୱରେ ପୃଥିବୀ ହେଉଛି ଅନନ୍ୟ, କାରଣ ପୃଥିବୀ ବ୍ୟତୀତ ବିଶ୍ୱର ଅନ୍ୟ କୌଣସି ଗ୍ରହରେ ଏପର୍ଯ୍ୟନ୍ତ ଜୀବର ସନ୍ଧାନ ମିଳିନାହିଁ। ଜୀବଜଗତ ଗଢ଼ି ଉଠିବା ପାଇଁ ପୃଥିବୀ ଭଳି ଗ୍ରହର ଆବଶ୍ୟକତା ଅଛି ଏବଂ ଏହାକୁ ଚିହ୍ନଟ କରିବା ପାଇଁ ଜ୍ୟୋତିର୍ବିଦ୍‌ମାନେ ଚେଷ୍ଟା କରୁଛନ୍ତି। ସୌରଜଗତ ବାହାରେ ଥିବା ଗ୍ରହକୁ 'ସୌରେତର ଗ୍ରହ' (exo-planet) କୁହାଯାଏ।**

■ ଇଂ. ମାୟାଧର ସାଇଁ

ପୋଲାଣ୍ଡର ଆଲେକଜାଣ୍ଡାର ଓଲ୍‌ସଜାନ ଏବଂ କାନାଡ଼ାର ଡେଲ ଫ୍ରେଲ୍ ୧୯୯୨ ମସିହା ଜାନୁଆରୀ ୯ ତାରିଖରେ ପଲ୍‌ସାର PSR1257+12 ଚାରିପଟେ ପ୍ରଥମେ ଦୁଇଟି ସୌରେତର ଗ୍ରହକୁ ଆବିଷ୍କାର କରିଥିଲେ। ଜେନେଭା ବିଶ୍ୱବିଦ୍ୟାଳୟର ମାଇକେଲ ମେୟୋର ଏବଂ ଡିଡିୟର କିଉଲୋକ ୧୯୯୫ ମସିହା ଅକ୍ଟୋବର ୬ ତାରିଖରେ ୫୧ Pegasi ନକ୍ଷତ୍ରର ଗୋଟିଏ ଗ୍ରହକୁ ଆବିଷ୍କାର କଲେ। ଏହିସବୁ ଆବିଷ୍କାର ଭୂପୃଷ୍ଠରେ ଥିବା ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଆବିଷ୍କାର କରାଯାଇଥିଲା। ଏହାପରେ ମହାକାଶରେ ଅବସ୍ଥାପିତ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଅନେକ ଗ୍ରହକୁ ଆବିଷ୍କାର କରାଗଲାଣି। ୨୦୨୪ ମସିହା ଡିସେମ୍ବର ୧୯ ତାରିଖ ସୁଦ୍ଧା ୫୮୧୧ଟି ସୌରେତର ଗ୍ରହକୁ ଆବିଷ୍କାର କରାଯାଇଛି ଏବଂ ସେଗୁଡ଼ିକ ୪୩୪୦ଟି ଗ୍ରାହିକ ପଦ୍ଧତି ସୃଷ୍ଟି କରିଛନ୍ତି। ପ୍ରକ୍‌ସିମା ସେଣ୍ଟାଉରି ନକ୍ଷତ୍ରରେ ଥିବା Proxima 'b' ଗ୍ରହ ହେଉଛି ଆମର ନିକଟତମ ସୌରେତର ଗ୍ରହ ଏବ ଏହା ଆମଠାରୁ ୪.୨ ଆଲୋକବର୍ଷ ଦୂରରେ ଅଛି। ଅନେକ ଗ୍ରହର ବସ୍ତୁତ୍ୱ, ଆକାର, ଗଠନ, ଘନତା ଓ ଉପାଦାନ ସୌରଜଗତର ଗ୍ରହଗୁଡ଼ିକଠାରୁ ଅନେକ ଅଲଗା ଅଛି। ସେଗୁଡ଼ିକର ବିଚିତ୍ରତା ଜାଣିଲେ ଆଶ୍ଚର୍ଯ୍ୟ ଲାଗେ।

### ସୌରେତର ଗ୍ରହର ନାମକରଣ


ଆନ୍ତର୍ଜାତୀୟ ଜ୍ୟୋତିର୍ବିଦୀୟ ସଂଘ ସୌରେତର ଗ୍ରହଗୁଡ଼ିକର ନାମକରଣ ପାଇଁ ନିୟମ କରିଛି। ମୂଳ ନକ୍ଷତ୍ର ସହ ଇଂରାଜୀ ଛୋଟ ଅକ୍ଷର ଯୋଡ଼ି ଗ୍ରହର ନାମକରଣ କରାଯାଏ। ନକ୍ଷତ୍ରର ପ୍ରଥମ ଆବିଷ୍କୃତ ଗ୍ରହକୁ b ଏବଂ ପରବର୍ତ୍ତୀ ଆବିଷ୍କୃତ ଗ୍ରହଗୁଡ଼ିକୁ ମ,ୟ,ର,... ଆଦିରେ ପ୍ରକାଶ କରାଯାଏ। ପ୍ରଥମ ଅକ୍ଷର ବ କୌଣସି ଗ୍ରହକୁ ଦିଆ ଯାଇ ନଥାଏ। ଏହା ମୂଳ ନକ୍ଷତ୍ରକୁ ବୁଝାଇ ଥାଏ। ଉଦାହରଣ ସ୍ୱରୂପ, ୫୫ Cancri ନକ୍ଷତ୍ରର ପ୍ରଥମ ଗ୍ରହ ୧୯୯୬ ମସିହାରେ ଆବିଷ୍କୃତ ହେଲା ଏବଂ ଏହାର ନାମ ହେଲା ୫୫ ଉବଭମକ୍ସ ଭ। ଏହାପରେ ୨୦୦୨ ମସିହାରେ ଏହାର ଆଉ ଦୁଇଟି ଗ୍ରହ ଆବିଷ୍କୃତ ହେଲା ଏବଂ ଫଳରେ ଏହି ଦୁଇଟିର ନାମ ୫୫ Cancri c ଏବଂ ୫୫ Cancri d ଦିଆଗଲା।



### ଜ୍ୟୋତିର୍ବିଦୀୟ ଦୂରତା ମାପ ଏକକ

ଜ୍ୟୋତିର୍ବିଦୀୟ ପିଣ୍ଡଗୁଡ଼ିକର ଦୂରତା ମାପ ପାଇଁ 'ଜ୍ୟୋତିର୍ବିଦୀୟ ଏକକ' (Astronomical unit ବା A.V.) ବ୍ୟବହୃତ ହୁଏ। ପୃଥିବୀ ଠାରୁ ସୂର୍ଯ୍ୟର ହାରାହାରି ଦୂରତା ହେଉଛି ୧୫ କୋଟି ୮୦ ଲକ୍ଷ କି.ମି.। ଏହି ଦୂରତାକୁ ଏକ ଜ୍ୟୋତିର୍ବିଦୀୟ ଏକକ କୁହାଯାଏ।

ଅନ୍ୟ ଏକ ଏକକ ହେଉଛି ଆଲୋକ ବର୍ଷ। ଆଲୋକ ଗୋଟିଏ ବର୍ଷରେ ଯେତେଦୂର ଗତି କରିପାରେ, ତାକୁ ଏକ ଆଲୋକ ବର୍ଷ କୁହାଯାଏ। ଆଲୋକର ବେଗ ହେଉଛି ସେକେଣ୍ଡ ପ୍ରତି ତିନି ଲକ୍ଷ କି.ମି.। ଏହି ହିସାବରେ ଏକ ଆଲୋକ ବର୍ଷ ହେଉଛି ନଅ ଲକ୍ଷ ଚାଳିଶ ହଜାର କୋଟି କି.ମି. ସଙ୍ଗେ ସମାନ।



### ସବୁଠାରୁ ଉତ୍ତପ୍ତ ଗ୍ରହ

କେପଲର ୭୦ 'ଭ' ଗ୍ରହ ହେଉଛି ସବୁଠାରୁ ଉତ୍ତପ୍ତ ଗ୍ରହ। ଏହାର ପୃଷ୍ଠ ତାପମାତ୍ରା ହେଉଛି ୬୮୭୦ ଡିଗ୍ରୀ ସେଲସିୟସ୍। ଏହାର ପରିକ୍ରମଣ ସମୟ ହେଉଛି ୫.୭୬ ଘଣ୍ଟା। ନକ୍ଷତ୍ରର ଅତି ନିକଟରେ ଥିବାରୁ ଏହାର ତାପମାତ୍ରା ଅଧିକ। ଏହାକୁ ୨୦୧୧ ମସିହା ଡିସେମ୍ବର ୨୨ ତାରିଖରେ ଆବିଷ୍କାର କରାଯାଇଛି। ତୁଳନାତ୍ମକ ଭାବେ ସୌରଜଗତରେ ସୂର୍ଯ୍ୟର ନିକଟତମ ଗ୍ରହ ବୁଧର ତାପମାତ୍ରା ହେଉଛି ୪୨୭ ଡିଗ୍ରୀ ସେଲସିୟସ୍।

### ଅଧିକ ପରିକ୍ରମଣ ସମୟ ଗ୍ରହ

ନେପଚ୍ୟୁନ ହେଉଛି ସୌରଜଗତର ଦୂରତମ ଗ୍ରହ। ଏହା ସୂର୍ଯ୍ୟଠାରୁ ୩୦ ଜ୍ୟୋତିର୍ବିଦୀୟ ଏକକ ଦୂରତାରେ ଅଛି ଏବଂ ସୂର୍ଯ୍ୟ ଚାରିପଟେ ଥରେ ଘୂରି ଆସିବା ପାଇଁ ଏହା ୧୬୫ ବର୍ଷ ନେଇଥାଏ। ମାତ୍ର କେତେକ ସୌରେତର ଗ୍ରହ ଅଛି ଯାହାର ପରିକ୍ରମଣ ସମୟ ହେଉଛି ଏକ ହଜାର ବର୍ଷରୁ ଅଧିକ। ସବୁଠାରୁ ଅଧିକ ପରିକ୍ରମଣ ସମୟ ଥିବା ଗ୍ରହ ହେଉଛି 2MASS J2126-8140 (୨୦୧୬ ମସିହାରେ ଆବିଷ୍କୃତ)। ଏହାର ପରିକ୍ରମଣ ସମୟ ହେଉଛି ପ୍ରାୟ ଦଶ ଲକ୍ଷ ବର୍ଷ।



### ହୀରା ଗ୍ରହ

୨୦୦୪ ମସିହାରେ ଆବିଷ୍କୃତ ୫୫ Cancri 'e'କୁ ହୀରାଗ୍ରହ କୁହାଯାଉଛି। ଏହାର ଆକାର ହେଉଛି ପୃଥିବୀର ଦୁଇଗୁଣ ଏବଂ ବସ୍ତୁତ୍ୱ ହେଉଛି ପୃଥିବୀର ଆଠଗୁଣ। ଏହା ନିଜ ନକ୍ଷତ୍ରର ଅତି ନିକଟରେ ଥାଇ ତାକୁ ପ୍ରତି ୧୮ ଘଣ୍ଟାରେ ଥରେ ପରିକ୍ରମଣ କରୁଛି। ଏହାର ପୃଷ୍ଠ ତାପମାତ୍ରା ହେଉଛି ୨୧୫୦ ଡିଗ୍ରୀ ସେଲସିୟସ। ଏଥିରେ ପ୍ରଚୁର ପରିମାଣର କାର୍ବନ ଅଛି ଏବଂ ଅତ୍ୟଧିକ ତାମପାତ୍ରା ଓ ଚାପ ଯୋଗୁଁ କାର୍ବନ ହୀରାରେ ପରିଣତ ହୋଇଛି। ଏଣୁ ଏହାର ଗର୍ଭମଣ୍ଡଳ ହୀରାରେ ଭର୍ତ୍ତି ହୋଇଛି।

### ବଳୟ ଗ୍ରହ


ସୌରଜଗତର ବଳୟ ଗ୍ରହ ଭାବେ ଶନି ଜଣା। ପୁନଶ୍ଚ ବହୁସ୍ପତି, ୟୁରାନସ୍ ଓ ନେପଚ୍ୟୁନର ମଧ ଅସ୍ପଷ୍ଟ ବଳୟ ଅଛି। ଗୋଟିଏ ସୌରେତର ଗ୍ରହରେ ଶନିଠାରୁ ବଡ଼ ବଳୟ ଅଛି। ଏହାର ନାମ ହେଉଛି J1407 'b'। ଏହାର ବସ୍ତୁତ୍ୱ ବହୁସ୍ପତି ବସ୍ତୁତ୍ୱର ୧୩ରୁ ୨୬ ଗୁଣ ମଧ୍ୟରେ ଆକଳନ କରାଯାଇଛି। ଏହାର ତିରିଶଟି ପୃଥକ ବଳୟ ଅଛି ଏବଂ ବଳୟର ମୋଟ ବ୍ୟାସାର୍ଦ୍ଧ ହେଉଛି ୯୦ ନିୟୁତ କି.ମି.।

### ସବୁଠାରୁ ନୂତନ ଗ୍ରହ

IRAS O4125+2902 'b'ହେଉଛି ଆବିଷ୍କୃତ ସବୁଠାରୁ ନୂତନ ଗ୍ରହ। ଏହା ପୃଥିବୀ ଠାରୁ ୪୩୦ ଆଲୋକ ବର୍ଷ ଦୂରରେ ଅଛି। ଏହାକୁ ଜ୍ୟୋତିର୍ବିଦ୍ ମାଡ଼ିସନ ବାର୍ବର ଟେସ୍ ଦୂରବୀକ୍ଷଣ ଯନ୍ତ୍ରର ଚିତ୍ରରୁ ୨୦୨୪ ମସିହା ନଭେମ୍ବର ମାସରେ ଆବିଷ୍କାର କରିଛନ୍ତି। ଏହାର ବୟସ ହେଉଛି ତିନି ନିୟୁତ ବର୍ଷ (ତୁଳନାତ୍ମକ ଭାବେ ପୃଥିବୀର ବୟସ ହେଉଛି ୪୫୦ କୋଟି ବର୍ଷ)।

### ସବୁଠାରୁ ପୁରାତନ ଗ୍ରହ

ପୃଥିବୀଠାରୁ ୧୨୪୦୦ ଆଲୋକ ବର୍ଷ ଦୂରରେ ଥିବା PSR B1620-26 'b' ହେଉଛି ସବୁଠାରୁ ପୁରାତନ ଗ୍ରହ। ଏହାର ବୟସ ହେଉଛି ୧୨.୭ ବିଲିୟନ ବର୍ଷ। ବିଗ୍ ବ୍ୟାଙ୍ଗରୁ ବିଶ୍ୱ ସୃଷ୍ଟି ହେବାର ଏକ ବିଲିୟନ



ବର୍ଷ ପରେ ଏହା ସୃଷ୍ଟି ହୋଇଛି।

### ଦୁଇଟି ନକ୍ଷତ୍ରର ଗ୍ରହ

ଆମ ଠାରୁ ୨୦୦ ଆଲୋକ ବର୍ଷ ଦୂରରେ ଥିବା କେପଲର-16 b ଗ୍ରହ ଦୁଇଟି ନକ୍ଷତ୍ରକୁ ପରିକ୍ରମଣ କରୁଛି। ଷ୍ଟାର ୱାର୍ସ ଚଳଚ୍ଚିତ୍ରରେ ଲ୍ୟୁକ୍ ସ୍କାଏୱାକର୍ସଙ୍କ ଗ୍ରହ ଟାଟୁଇନ ଅନୁସାରେ ଏହାର ଡାକ ନାମ ଦିଆଯାଇଛି। ଏହା ୨୦୧୧ ମସିହାରେ ଆବିଷ୍କୃତ ହୋଇଛି।





### ତିନୋଟି ନକ୍ଷତ୍ରର ଗ୍ରହ

ଆମ ଠାରୁ ୧୪୯ ଆଲୋକବର୍ଷ ଦୂରରେ ମରାଳ ନକ୍ଷତ୍ର ମଣ୍ଡଳରେ ଏଚଡ଼ି୧୮୮୭୫୩ଏବି ଗ୍ରହ ଅଛି ଯେଉଁଠି ତିନୋଟି ନକ୍ଷତ୍ରର ଉଦୟ ଓ ଅସ୍ତ ହେଉଛି। ପୁଣି ତିନୋଟିଯାକ ସୂର୍ଯ୍ୟୋଦୟର ରଙ୍ଗ ଅଲଗା। ସେଗୁଡ଼ିକ ହେଉଛି ଗେରୁଆ, ଲାଲ୍ ଓ ହଳଦିଆ। ନକ୍ଷତ୍ର ତିନୋଟି ମଧ୍ୟରୁ ମୁଖ୍ୟ ନକ୍ଷତ୍ରର ବସ୍ତୁତ୍ୱ ହେଉଛି ସୂର୍ଯ୍ୟ ବସ୍ତୁତ୍ୱର ୧.୦୬ ଗୁଣ। ଗ୍ରହଟି ବୃହସ୍ପତିଠାରୁ ସାମାନ୍ୟ ବଡ଼ ଏବଂ କେନ୍ଦ୍ରୀୟ ନକ୍ଷତ୍ରକୁ ୩.୫ ଦିନରେ ଥରେ ଘୂରି ଆସେ। ଏହାକୁ ୨୦୦୫ ମସିହାରେ ଆବିଷ୍କାର କରାଯାଇଛି।

### ଲାଞ୍ଜଥିବା ଗ୍ରହ

ପୃଥିବୀଠାରୁ ୧୬୦ ଆଲୋକବର୍ଷ ଦୂରରେ ଥିବା ଡବ୍ଲ୍ୟୁଏଏସ୍‌ପି-୬୯ବିର ଧୂମକେତୁ ଭଳି ଗୋଟିଏ ଲାଞ୍ଜ ଅଛି। ଏହାର ଆକାର ହେଉଛି










ବୃହସ୍ପତିଠାରୁ ଦଶ ପ୍ରତିଶତ ବଡ଼ ଏବଂ ଏହାର ବାୟୁମଣ୍ଡଳରେ କେବଳ ଉଦ୍‌ଜାନ ଓ ହିଲିୟମ ଅଛି। ଏହା ନିଜ ନକ୍ଷତ୍ର ଚାରିପଟେ ୩.୯ ଦିନରେ ଥରେ ଘୂରିଆସେ। ନକ୍ଷତ୍ରରୁ ନିର୍ଗତ ବିକିରଣ ଯୋଗୁଁ ଏହାର ବାୟୁମଣ୍ଡଳ ଉତ୍ତପ୍ତ ହୋଇ ଗ୍ୟାସୀୟ ଲାଞ୍ଜ ସୃଷ୍ଟି କରିଛି। ଏହାର ଲାଞ୍ଜ ଏହାର ବ୍ୟାସାର୍ଦ୍ଧଠାରୁ ୭.୫ ଗୁଣ ବଡ଼। ଏହାକୁ ୨୦୨୪ ମସିହା ଜାନୁଆରି ମାସରେ ଆବିଷ୍କାର କରାଯାଇଛି।

### ଲୁହା ବର୍ଷା ହେଉଥିବା ଗ୍ରହ

ପୃଥିବୀଠାରୁ ୬୪୦ ଆଲୋକବର୍ଷ ଦୂରରେ ଡବ୍ଲ୍ୟୁଏଏସ୍‌ପି-୭୬ ବି ଗ୍ରହ ଅଛି। ଏହାର ଆକାର ହେଉଛି ବୃହସ୍ପତିର ୧.୮୩ ଗୁଣ ଏବଂ ବସ୍ତୁତ୍ୱ ହେଉଛି ବୃହସ୍ପତିର ୯୨ ପ୍ରତିଶତ। ଏହା ସମ୍ପୂର୍ଣ୍ଣ ଗୋଲାକାର କକ୍ଷରେ ନିଜ ନକ୍ଷତ୍ର ଚାରିପଟେ ୪୪ ଘଣ୍ଟାରେ ଥରେ ଘୂରିଆସେ। ଏହାର ସର୍ବୋଚ୍ଚ ତାପମାତ୍ରା ୨୪୦୦ ଡିଗ୍ରୀ ସେଲସିୟସ୍ ହୋଇଥିବା ବେଳେ ସର୍ବନିମ୍ନ ତାପମାତ୍ରା ହେଉଛି ୧୪୦୦ ଡିଗ୍ରି ସେଲସିୟସ। ଏଣୁ ଉପର ତାପମାତ୍ରାରେ ଲୁହା ବାଷ୍ପୀଭୂତ ହୋଇଥାଏ ଏବଂ ତଳ ତାପମାତ୍ରାରେ ଲୁହା ଘନୀଭୂତ







ହୋଇଥାଏ । ଏଣୁ ଏଠାରେ ଲୁହା ବର୍ଷା ହୋଇଥାଏ । ଏହି ଗ୍ରହକୁ ୨୦୧୩ ମସିହାରେ ଆବିଷ୍କାର କରାଯାଇଛି ।

**ଯାଯାବର ଗ୍ରହ**

ସାଧାରଣତଃ ଗ୍ରହଗୁଡ଼ିକ କୌଣସି ନକ୍ଷତ୍ରର ମାଧ୍ୟାକର୍ଷଣ ବଳରେ ବାନ୍ଧି ହୋଇ ତାହା ଚାରିପଟେ ଘୁରିଥାଆନ୍ତି । କିନ୍ତୁ କେତେକ ଗ୍ରହକୁ ଆବିଷ୍କାର କରାଯାଇଛି ଯାହା କୌଣସି ନକ୍ଷତ୍ର ଚାରିପଟେ ପରିକ୍ରମଣ ନକରି ମହାକାଶରେ ଗତି କରିଥାଆନ୍ତି । ଏହିପରି ଗୋଟିଏ ଗ୍ରହ ହେଉଛି ଓଞ୍ଜଓଞ୍ଚ୪୪ ଭ୧ ଏହାକୁ ଆମଠାରୁ ୫୫୦ ଆଲୋକ ବର୍ଷ ଦୂରରେ ଚିହ୍ନଟ କରାଯାଇଛି । ଆବିଷ୍କୃତ ସୌରେତର ଗ୍ରହଗୁଡ଼ିକ ମଧ୍ୟରେ ଏହାର ବସ୍ତୁତ୍ୱ ହେଉଛି ସବୁଠାରୁ କମ୍ ।

**ସବୁଠାରୁ ଅନ୍ଧାରୁଆ ଗ୍ରହ**

ଆମଠାରୁ ପ୍ରାୟ ୭୫୦ ଆଲୋକବର୍ଷ ଦୂରରେ ଥିବା TrES-2b ଗ୍ରହ ହେଉଛି ସବୁଠାରୁ ଅନ୍ଧାରୁଆ ଗ୍ରହ । ଆକାରରେ ଏହା ହେଉଛି ବୃହସ୍ପତିର ୧.୩୬ ଗୁଣ । ଏହା ଉପରେ ପଡୁଥିବା ଆଲୋକର ଏକ ପ୍ରତିଶତରୁ କମ୍ ଆଲୋକକୁ ଏହା ପ୍ରତିଫଳିତ କରିଥାଏ । ଅନୁମାନ କରାଯାଉଛି ଯେ ଏହା ପୃଷ୍ଠରେ ଆଲୋକ ଅବଶୋଷଣକାରୀ ପଦାର୍ଥ ରହିଛି ।

**ବାସଯୋଗ୍ୟ ଗ୍ରହ**

ଗୋଟିଏ ଗ୍ରହ ବାସଯୋଗ୍ୟ ହୋଇପାରିବ ଯଦି ଏଥିରେ ତରଳ ଜଳ ରହିପାରେ । ଏଥିପାଇଁ ଗ୍ରହକୁ ନକ୍ଷତ୍ରଠାରୁ ଏପରି ଦୂରତାରେ ରହିବାକୁ ପଡ଼ିବ, ଯେପରି ଏହାର ତାପମାତ୍ରା ତରଳ ଜଳକୁ ରଖି ପାରିବା ପାଇଁ ସମର୍ଥ ହେଉଥିବ । ଅଧିକ ତାପମାତ୍ରାରେ ଜଳ ବାଷ୍ପୀଭୂତ ହୋଇଯାଏ ଏବଂ କମ୍ ତାପମାତ୍ରାରେ ଏହା ବରଫରେ ପରିଣତ ହୁଏ । ନକ୍ଷତ୍ରର ଯେଉଁ ଅଞ୍ଚଳରେ ଏହା ସମ୍ଭବ ହୁଏ, ତାକୁ ଏହାର ବାସଯୋଗ୍ୟ ଅଞ୍ଚଳ କୁହାଯାଏ । ଆମ ପୃଥିବୀ ସୂର୍ଯ୍ୟର ବାସଯୋଗ୍ୟ ଅଞ୍ଚଳରେ ଅଛି । ସୌରଜଗତ ବାହାରେ କେତୋଟି ବାସଯୋଗ୍ୟ ଗ୍ରହକୁ ଚିହ୍ନଟ କରାଯାଇଛି । ୨୦୧୫ ମସିହାରେ ଆବିଷ୍କୃତ ଓ ଆମଠାରୁ ୧୪୦୦ ଆଲୋକବର୍ଷ ଦୂରରେ ଥିବା କେପଲର- ୪୫୨ଭ ହେଉଛି ଏହିପରି ଗୋଟିଏ ଗ୍ରହ । ଏହାର ପରିକ୍ରମଣ ସମୟ ହେଉଛି ୩୮୫ ଦିନ । ଏହାର ଆକାର ହେଉଛି ପୃଥିବୀର ଦେଢ଼ଗୁଣ ଏବଂ ଏହା ମଧ୍ୟ ହେଉଛି ପୃଥିବୀ ଭଳି ଗୋଟିଏ ପଥୁରିଆ ଗ୍ରହ ।

ଆମଠାରୁ ୧୨୦ ଆଲୋକବର୍ଷ ଦୂରରେ ଥିବା ଏବଂ ୨୦୧୫ ମସିହାରେ ଆବିଷ୍କୃତ ହୋଇଥିବା ଅନ୍ୟ ଏକ ବାସଯୋଗ୍ୟ ଗ୍ରହ ହେଉଛି K2-18b । ଏହାର ଆକାର ହେଉଛି ପୃଥିବୀର ୨.୩୭ ଗୁଣ । ଜେମ୍ସ ୱେବ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଏଠାରେ ଡାଇମିଥାଇଲ ସଲଫାଇଡ୍ ଯୌଗିକକୁ ଚିହ୍ନଟ କରିଛି । ଏହି ପଦାର୍ଥ ଜୀବମାନଙ୍କ ଦ୍ୱାରା କେବଳ ପୃଥିବୀରେ ସୃଷ୍ଟି ହୋଇଥାଏ । ସୌରଜଗତ ବାହାରେ କେତେକ ଗ୍ରହରେ ଜୀବଜଗତର ସମ୍ଭାବନାକୁ ଅସ୍ୱୀକାର କରା ଯାଇନପାରିଲେ ସୁଦ୍ଧା ଏଗୁଡ଼ିକ ଆମଠାରୁ ବହୁତ ଦୂରରେ ଥିବାରୁ ସେମାନଙ୍କୁ ଠାବ କରାଯାଇ ପାରିନାହିଁ ।

**ସମ୍ପାଦକ, ସାଇନ୍ସ ହୋରିଜନ ୭୦,**
**ଲକ୍ଷ୍ମୀବିହାର,ଫେଜ୍-୧, ଭୁବନେଶ୍ୱର-୭୫୧୦୧୮**
**ମୋ- ୯୪୩୮୬୯୩୭୨୪**

## ମନକୁ ଆସିଲା ଯାହା ୫

# ସଚେତନ ଗଣମାଧ୍ୟମ.. ସତ୍ୟର ପ୍ରହରୀ



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ପୂଜା ଖେଡ଼କର.. ଏଇ ନାଁ ଟା ମନେଅଛି ନାଁ ଭୁଲିଗଲେଣି ? ସେଇ ଟ୍ରେନିଂରେ ଥିବା ଆଇଏଏସ୍ ଅଫିସର, ଯାହାର ଉଦ୍ଭଟ କାଣ୍ଡକାରଖାନାରେ ସାରା ଦେଶ ଚକିତ ହେବା ସହ ସଂଘ ଲୋକସେବା ଆୟୋଗର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଥିଲା । ଅତ୍ୟଧିକ ପଦଲାଳସା ଓ କ୍ଷମତାଲୋଭ ଏବଂ ତା' ପୂର୍ବରୁ ଜାଲିଆତି କରି ନିଜ ବୟସ ଲୁଚେଇବା, ଅନୈତିକ ଭାବରେ ଯୋଗ୍ୟତା ଠାରୁ ଅଧିକ ଥର ପରୀକ୍ଷା ଦେବା ପୁଣି ଏକ ନିର୍ଦ୍ଦିଷ୍ଟ ଅରକ୍ଷିତ ବର୍ଗଙ୍କ ପାଇଁ ଥିବା ଆରକ୍ଷଣର ଫାଇଦା ନେବା ସହ ମିଛ ପ୍ରମାଣ ପତ୍ରରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ଥିବା ରିହାତି ହାତେଇବା, ଆଦି ମାମଲା ସାମ୍ନାକୁ ଆସିବା ପରେ ତାଙ୍କୁ ପଦଚ୍ୟୁତ କରାଯିବା ସହ ଭବିଷ୍ୟତର କୌଣସି ପରୀକ୍ଷା ପାଇଁ ମଧ୍ୟ ଅଯୋଗ୍ୟ ଘୋଷଣା କରାଯାଇଛି । ପିତା ମିଥ୍ୟା ସତ୍ୟପାଠ ମାମଲାରେ ଛନ୍ଦିହୋଇଥିବା ବେଳେ, ମା' ବି ସର୍ବସାଧାରଣରେ ବନ୍ଧୁକ ଦେଖେଇ ଲୋକଙ୍କୁ ଧମକେଇବା ଅଭିଯୋଗରେ ଗିରଫ ହୋଇଛନ୍ତି । ଦୋଷ କଲେ ଦଣ୍ଡ ଯେ ଅବଶ୍ୟ ମିଳିବ, ଏହା ପୁଣି ଥରେ ପ୍ରମାଣିତ ହୋଇଛି । ଏସବୁ ସମ୍ଭବ ହୋଇଛି କେବଳ ସୋସିଆଲ ମେଡିଆ ବା ସାମାଜିକ ଗଣମାଧ୍ୟମର କିଛି ଜାଗ୍ରତ ପ୍ରହରୀଙ୍କ ପାଇଁ । ଆଜିର ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ କେଉଁ କଥା ବା ବେଶୀ ଦିନ ଲୁଚି ରହିପାରୁଛି ? କିଏ କେଉଁଠି କଣ କରିଛି, କେମିତି ନା କଣ ହୋଇ ତାହା ସାମ୍ନାକୁ ଆସିଯାଉଛି ।

ଯେତେବେଳେ ପୂଜାଙ୍କର ମାମଲା ସରଗରମ ଥିଲା, ସେତିକିବେଳେ ଆଉ ଏକ ନାମ ମଧ୍ୟ ହଠାତ ସାମ୍ନାକୁ ଆସିଲା । ଜ୍ୟୋତି ମିଶ୍ର.. ଯେ ନାମ ଟି ଆପଣ ଶୁଣିଥିଲେ କି ? ବୋଧହୁଏ ନାଁ, କାରଣ ଖୁବ ବେଶୀ ଚର୍ଚ୍ଚା କୁ ଆସିବା ପୂର୍ବରୁ ହିଁ ମଉଳି ସାରିଥିଲା ଏଇ ମାମଲା । ଯେ ଏକ ରୋଚକ କାହାଣୀ । ଏଇ ଅଶୁଣା କାହାଣୀଟି ମୁଁ ଆଜି ଆଣିବି ଆପଣଙ୍କ ସାମ୍ନାକୁ ।

ଉତ୍ତରପ୍ରଦେଶର ଏକ ଛୋଟ ସହର, ରାୟବରେଲୀର ଜ୍ୟୋତି ପିଲାଟି ଦିନରୁ ଭଲ ପାଠ ପଢୁଥିଲେ । ପିତା ପୁଲିସ ବିଭାଗରେ ସାଧାରଣ କର୍ମଚାରୀ ଥିଲେ, କିନ୍ତୁ ପିଲାଙ୍କର ପାଠ ପଢ଼ାରେ ଊଣାକରି ନାହାନ୍ତି କେବେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ କରିସାରି ଲୋକସେବା ଆୟୋଗର ପରୀକ୍ଷା ଦିଅନ୍ତି ଜ୍ୟୋତି କିନ୍ତୁ କ୍ରମାଗତ ଦୁଇ ଥର ଅସଫଳ ହେବା ପରେ ସେ ମାନସିକ ଭାବେ ଭାଙ୍ଗି ପଡ଼ନ୍ତି । ତାଙ୍କ ସହପାଠୀ ମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ସେ ସହଜରେ ଗ୍ରହଣ କରିପାରନ୍ତିନି । ଏଣୁ ବାଛି ନିଅନ୍ତି ସହଜ ପନ୍ଥା । ଘରଲୋକଙ୍କୁ ନଜଣେଇ ସେ ଏକ ଅନାମଧେୟ ବେସରକାରୀ ସଂସ୍ଥାରେ ଚାକିରୀ ଆରମ୍ଭ କରନ୍ତି । ଏଣେ ଚାକିରୀ ସହ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପାଠପଢା ଏକା ସାଙ୍ଗରେ ଚାଲିଥାଏ ?

ବିରାଡ଼ି କପାଳକୁ ସିକା ଛିଣ୍ଡିଲା ପରି ୨୦୨୧ର ସଙ୍ଘ ଲୋକସେବା ପରୀକ୍ଷାର ଫଳାଫଳ ବାହାରେ ଆଉ ସେ ମେଧା ତାଲିକାରେ ୪୩୨ତମ ସ୍ଥାନରେ ଝିଅଟିଏ ଥାଏ, ତା' ନାଁ ଜ୍ୟୋତି । ଯେ ଜ୍ୟୋତି କିନ୍ତୁ ଅନ୍ୟ କେହି, ଏକଥା କେହି ଜାଣିବା ଆଗରୁ ଜ୍ୟୋତିଙ୍କର ସାନ ଭଉଣୀ ଚାରିଆଡ଼େ ପ୍ରଚାର କରିଦିଏ । ଇଏ ସଫଳ ଜ୍ୟୋତି କିନ୍ତୁ ଜ୍ୟୋତି ମିଶ୍ର ନୁହଁନ୍ତି ବୋଲି କେହି ସାମାନ୍ୟତମ ସନ୍ଦେହ ବି କରନ୍ତିନି । ସେଇଠୁ ଛୁଟିଚାଲେ ବଧେଇର ସୁଅ । ପୁଲିସ ବିଭାଗ ମଧ୍ୟ ବଧେଇ ଜଣେଇଦିଏ ପିତାଙ୍କୁ ।

ଅସଲରେ ଯେ ଜ୍ୟୋତି କିନ୍ତୁ ପୁନର୍ବାର ଅସଫଳ ହୋଇ ଭାଙ୍ଗି ପଡ଼ିଥାଏ । ଅଚାନକ ସଫଳତାର ମିଛ ପ୍ରଶଂସାରୁ ମୁଣ୍ଡକୁ ଜୁଟିଲା ତା'ର ଦୁଷ୍ଟ ବୁଦ୍ଧି । ଏଇଠୁ ଆରମ୍ଭ ହେଲା ଛଳନାର ଖେଳ.. ପ୍ରପଞ୍ଚର ମିଛ ନାଟକ । ପରିବାରକୁ ଜ୍ୟୋତି ଜଣେଇ ଦେଲେ ତାଙ୍କୁ ଟ୍ରେନିଂ ପାଇଁ ମସୌରୀ ସ୍ଥିତ ଅନୁଷ୍ଠାନକୁ ପଠାଯାଉଛି । ଟ୍ରେନିଂ ପରେ ଯଥାସମୟରେ ବୈଦେଶିକ ସେବା ପାଇଁ ଯୋଗ୍ୟ ହେବାରୁ ସ୍ପେନରେ ମାଡ୍ରିଡ୍ ସ୍ଥିତ ଭାରତୀୟ ଦୂତାବାସରେ ଚାକିରୀ ମିଳିଛି ବୋଲି ମଧ୍ୟ ପ୍ରଚାର ହେଇଗଲା । ବାପା ମା' ବନ୍ଧୁ ପରିଜନ ସମସ୍ତେ ଜାଣିଗଲେ ଝିଅ ଆମର ଆଇଏଫ୍ଏସ୍ ଅଫିସର । ଗର୍ବରେ ସାହିପଡିଶା ସଭିଙ୍କ ଛାତି କୁଣ୍ଢେମୋଟ ।

ଯେ ମଧ୍ୟ ଛଳନାର ଗୋଟେ ପରେ ଗୋଟେ ପାହାଚ ଚଢି ଚାଲିଲା । ଟ୍ରେନିଂର ମିଛ ପ୍ରମାଣପତ୍ର, ସ୍ପେନ ଯିବାର ମିଛ ବିମାନଟିକେଟ, ସେଠାକାର ମିଛ ପରିଚୟ ପତ୍ର, ଫଟୋ ଆଦି ନିୟମିତ ବ୍ୟବଧାନରେ ଘରକୁ ପଠାଇ ଚାଲିଲା ଜ୍ୟୋତି । ଭାରତୀୟ ସମୟ ଅନୁସାରେ ସ୍ପେନରେ ଥିବାର ମିଛ ଅଭିନୟ କରି ସବୁବେଳେ ଡେରି ରାତି ନହେଲେ ବଡ଼ିଭୋରରୁ, କେବଳ ହ୍ୱାଟ୍ସଆପ ମାଧ୍ୟମରେ ଫୋନ କରେ । ଘର ପରିବାରରେ ଏତେ ବଡ ମିଛ ଧରିବାର କୁ' ନାହିଁ । ଏପଟେ ପୂଜା ଖେଡ଼କର ମାମଲା ଚର୍ଚ୍ଚାରେ ଥିବା ବେଳେ, ଇଣ୍ଟରନେଟରୁ କେହି ଜଣେ ୨୦୨୧ର ମେଧାତାଲିକା ଦେଖି ପ୍ରଚାର କରିଦେଲା ଯେ, ଜ୍ୟୋତି ମିଶ୍ର ନାମଧାରୀ ଝିଅଟି ପଛୁଆ ବର୍ଗରୁ କିପରି ଆରକ୍ଷଣର ଲାଭ ଉଠେଇ ପାରିବ ? ବାସ, ଏଇଠୁ ଚାଲିଲା ଖୋଳତାଡ଼ । ଏସବୁ ଯେତେବେଳେ ସାମାଜିକ ଗଣମାଧ୍ୟମ ଓ ଖବରକାଗଜରେ ପ୍ରକାଶ ପାଇଲା, ସେତେବେଳେ ଯାଇ ସତ ସାମ୍ନାକୁ ଆସିଲା । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ସ୍ପେନର ଦୂତାବାସ ସଫେଇ ଦେଲା ଯେ, ସେମିତି କେହି ଜ୍ୟୋତି ମିଶ୍ର ନାମଧାରୀ କର୍ମଚାରୀ ନାହାନ୍ତି ମାଡ୍ରିଡ଼ରେ । ଏଥର ଅସଲ କଥାରୁ ପରଦା ହଟିଲା ।

ନିଜେ ଜ୍ୟୋତି ମିଶ୍ର ସାମ୍ନାକୁ ଆସି ବୟାନଦେଲେ ଯେ, ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି କିମ୍ବା କୌଣସି ମିଛ ପ୍ରମାଣପତ୍ରର ସାହାରା ନେଇନାହାନ୍ତି । ସେ ଯେହେତୁ କୌଣସି ଜାଲିଆତି କରିନାହାନ୍ତି, ତେଣୁ ସେ ନିର୍ଦ୍ଦୋଷ । ସେ କେବଳ ନିଜ ସାନଭଉଣୀର ଗୋଟିଏ ମିଛକୁ ଲୁଚେଇବାକୁ ଯାଇ ସଫଳତାର ମିଛ ନାଟକ କରୁଥିଲେ ଏବଂ ନିଜ ପରିବାରବର୍ଗଙ୍କୁ ଠକି ଚାଲିଥିଲେ । ପରିବାର ବ୍ୟତୀତ ସେ ଆଉ କାହାରି ସହିତ କିଛି ବି ଧୋକା କରିନାହାନ୍ତି । କିଏ ବା ନଚାହେଁ ନିଜ ମା' ବାପାଙ୍କୁ ଖୁସି ଦେଖିବାକୁ ? ବାସ୍, ଏଇ ଗୋଟିଏ ଖିଆଲ ହିଁ ତାଙ୍କୁ ୨-୩ ବର୍ଷ ଧରି ମିଛ ଅଭିନୟ କରିବାକୁ ପ୍ରେରଣା ଦେଉଥିଲା । ଏବେ ସତ ଜଣାପଡିଲା ପରେ ପରିବାରବର୍ଗ ଭାଙ୍ଗିପଡିଛନ୍ତି । କିନ୍ତୁ ଏତେ ବେଳକୁ ଲେଡ଼ିଗୁଡ଼ କହୁଣୀକୁ ବୋହି ଗଲାଣି ।

ଏଥର କହିବି ଆଉ ଜଣଙ୍କର କଥା । ଅଲିଗଡ଼ ସହରର ରିଙ୍କୁ ସିଂହ ରାହୀ । ବାପା ଦିନମଜୁରିଆ, ମା' ଗୃହିଣୀ । ଜାତୀୟ ପ୍ରଦ୍ୟୋଗିକୀ ସଂସ୍ଥାନ, ଜାମସେଦପୁରରୁ ମେଟାଲର୍ଜୀରେ ଇଞ୍ଜିନିୟରିଂ ଡିଗ୍ରୀ ସାରି ପ୍ରାଦେଶିକ ସେବାରେ ଯୋଗଦେଇ ମୁଜଫରନଗରର ସମାଜ ମଙ୍ଗଳ ଅଧିକାରୀ ହୁଅନ୍ତି ୨୦୦୮ରେ । ଏକ ୪୦ କୋଟିର ଦୁର୍ନୀତିକୁ ପର୍ଦ୍ଦାଫାସ କରିବାରୁ ସ୍ଥାନୀୟ ରାଜନେତା ଓ ନିଜ ବିଭାଗର ବହୁ ଉଚ୍ଚାଧିକାରୀଙ୍କ ମାନସିକ ପ୍ରତାଡ଼ନାର ଶିକାର ହୁଅନ୍ତି । ଦୁଇଥର ମରଣାନ୍ତକ ଆକ୍ରମଣ ହୁଏ, ୬ଟି ଗୁଳି ବାଜେ ଦେହରେ, ଗୋଟେ ଆଖି ଓ ମୁହଁରୁ ଫାଳେ ନଷ୍ଟ ହେଇଯାଏ । ତଥାପି ସେ ପୁଣି ଯୋଗ ଦିଅନ୍ତି ଚାକିରୀରେ । ଭଦୋହି, ଶ୍ରାବସ୍ତି, ମିରଟ ଆଦି ସ୍ଥାନକୁ ପଠାଯାଏ ତାଙ୍କୁ । ସେଠି ବି ପୁଣି ୬୦ କୋଟିର ଆଉ ଏକ ଘୋଟାଲାକୁ ସାମ୍ନାକୁ ଆଣନ୍ତି ଏବଂ ରାଜଧାନୀ ଲକ୍ଷ୍ନୌ ଠାରେ ସୂଚନା ଅଧିକାର ଆଇନର ଉତ୍ତର ନମିଳିବାରୁ ଆମରଣ ଅନଶନରେ ବସନ୍ତି ଯେ ଜୋରଜବରଦସ୍ତ ଉଠେଇ ଦିଆଯାଏ । ତାଙ୍କୁ ପୋଲିସ ଟେକିନେଇ ଡାକ୍ତରଖାନାରେ ଭର୍ତ୍ତି କରାଏ । ଏଥର ତାଙ୍କୁ ବସେଇ ଦିଆଯାଏ ସରକାରୀ ପ୍ରତିଯୋଗିତାମୂଳକ ପରୀକ୍ଷା କୋଚିଂ ସଂସ୍ଥାର ନିର୍ଦ୍ଦେଶକ କରି । ପିଲାଙ୍କୁ ପଢଉ ପଢଉ ପିଲାମାନଙ୍କ ଅନୁରୋଧରେ ପୁଣି ଥରେ ନିଜେ ପାଠ ପଢ଼ନ୍ତି ଏବଂ ୨୦୨୨ରେ ସଂଘ ଲୋକସେବା ଆୟୋଗର ପରୀକ୍ଷାରେ ସଫଳ ହୁଅନ୍ତି । ୬୮୩ତମ ସ୍ଥାନରେ ରହି ଆଇଏଏସ୍ ଅଫିସର ବନନ୍ତି ରିଙ୍କୁ ।

ଏବେ ଆସିବା ମୂଳ ପ୍ରସଙ୍ଗକୁ, ପୂଜା ଖେଡ଼କର ନିଜେ ରଚିଥିବା ଫାସରେ ଛନ୍ଦି ହୋଇ ବାସନ୍ଦ ହେଲେ ସବୁଦିନ ପାଇଁ ପରୀକ୍ଷାରୁ । ଜ୍ୟୋତି ଏକ ଭୁଲ ବୁଝାମଣାର ଫାଇଦା ନେଇ ଠକି ଚାଲିଲେ ସମସ୍ତଙ୍କୁ ଓ ଶେଷରେ ଧରାପଡ଼ିଲେ । ରିଙ୍କୁ କିନ୍ତୁ ନିଜ ଲକ୍ଷରୁ କେବେ ବିଚ୍ୟୁତ ନହୋଇ ସତ୍ୟ ଓ ନ୍ୟାୟର ସାହାରା ନେଇ ଅନବରତ ପ୍ରଚେଷ୍ଟାରୁ ସଫଳତା ପାଇଲେ । ଏଥିରୁ ପୁଣି ଥରେ ପ୍ରମାଣିତ ହେଲା ଯେ, ସାମାଜିକ ଗଣମାଧ୍ୟମର ଅମାପ ଶକ୍ତି, ଯାହା ପୂଜା ଓ ଜ୍ୟୋତିଙ୍କର ଛଳନାର ଇମାରତକୁ ଭାଙ୍ଗି ଚୁରମାର କରିଦେଲା ପୁଣି ରିଙ୍କୁଙ୍କ ଅଧ୍ୟବସାୟର ପ୍ରକୃତ ମୂଲ୍ୟ ମଧ୍ୟ ମିଳିଲା । ଯଦି ଗଣମାଧ୍ୟମରେ ରିଙ୍କୁଙ୍କ କାହାଣୀ ପ୍ରଚାରିତ ନ ହୋଇଥାନ୍ତା, ତାଙ୍କୁ ସୁରକ୍ଷା ମିଳି ପାରିଥାନ୍ତା କି ? ତେଣୁ ମୁଁ ତ' କହିବି, ଏସବୁ ପାଇଁ ଦାୟୀ କେବଳ ସାମାଜିକ ଗଣମାଧ୍ୟମ । ଆଜିର ଇଣ୍ଟରନେଟ୍ ଯୁଗରେ ଆଙ୍ଗୁଳି ଟିପରେ ଦୁନିଆଁର ସବୁ ସୂଚନା ମିଳିଯାଉଥିବା ବେଳେ, କାହାକୁ ବା କେଉଁ କଥା ଅଛପା ରହୁଛି । ଏଣୁ ସଚେତନ ଓ ସଶକ୍ତ ସାମାଜିକ ଗଣମାଧ୍ୟମକୁ ଶତ ଧନ୍ୟବାଦ ।

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ: ୭୦୦୮୬୦୧୧୬୧**

ଫ୍ୟାସନ୍


# ଗ୍ରୀନ୍ ମଟର ଫେସ୍ ପ୍ୟାକ୍

ସାଧାରଣତଃ ଶୀତଦିନେ ସମସ୍ତେ ଗ୍ରୀନ୍ ମଟର ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି । ହେଲେ ଆପଣ ଜାଣନ୍ତି କି ମଟର ଦ୍ୱାରା ଶରୀର ସହିତ ଆମେ ତ୍ୱଚାର ମଧ୍ୟ ଯତ୍ନ ନେଇପାରିବା । ମଟରରେ ଏଭଳି ଅନେକ ତତ୍ତ୍ୱ ରହିଛି ଯାହାଦ୍ୱାରା ତ୍ୱଚାର ଶୁଷ୍କପଣ ଦୂର ହୋଇଥାଏ । ତେଣୁ ନିମ୍ନରେ ମଟର ଦ୍ୱାରା ଦୁଇଟି ଫେସ୍‌ପ୍ୟାକ୍ ଦିଆଯାଇଛି, ଯାହାକୁ ଲଗାଇ ଆପଣ ଆପଣଙ୍କ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ ।

## ଗ୍ରୀନ୍ ମଟର ଓ ହଳଦି

ଭିଟାମିନ୍-ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଗ୍ରୀନ୍ ମଟରରେ ପ୍ରଚୁର ପରିମାଣରେ ଥାଏ, ତେଣୁ ଏଥିରୁ ପ୍ରସ୍ତୁତ ଫେସ୍ ପ୍ୟାକ୍ ତ୍ୱଚା ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ସିଝା ମଟର ୧କପ୍, ମହୁ ୧ଚାମଚ, ଦହି ୧ଚାମଚ, ହଳଦି ୧ଚାମଚ, ଆଲୋବେରା ୧ଚାମଚ, ଲେମ୍ବୁରସ ଅଧା ଚାଚମ, ଚନ୍ଦନ ପାଉଡ଼ର ଅଧା ଚାମଚ ନେବେ । ସର୍ବପ୍ରଥମେ ସିଝା ମଟରକୁ ଗ୍ରାଇଣ୍ଡିଂ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଗିନାରେ କାଢ଼ି ଏଥିରେ ଦହି, ହଳଦି, ମହୁ, ଆଲୋବେରା, ଲେମ୍ବୁରସ, ଚନ୍ଦନ ପାଉଡ଼ର ପକାଇ ଭଲ ଭାବେ ମିଶେଇବେ । ଏହି ପ୍ୟାକ୍‌କୁ ତ୍ୱଚାରେ ୧୫ ମିନିଟ୍





ଲଗାଇ ରଖନ୍ତୁ । ଏହା ଶୁଖି ଆସିଲେ ହାଲୁକା ହାତରେ ମସାଜ କରିବେ । ତାହାପରେ ଏହାକୁ ଟିକେ ନଖ ଉଷୁମ ପାଣିରେ ଧୋଇ ନେବେ । ଏହି ପ୍ୟାକ୍ ଲଗାଇବା ଦ୍ୱାରା ତ୍ୱଚାକୁ ଗ୍ଲୋଇଗିଂ ଏବଂ ମଶ୍ଚୁରାଇଜର୍ ମଧ୍ୟ କରିଥାଏ ।

## ଗ୍ରୀନ୍ ମଟର ଓ ଅମୃତଭଣ୍ଡା

ଗ୍ରୀନ୍ ମଟର ଏବଂ ଅମୃତଭଣ୍ଡାରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଫେସ୍‌ପ୍ୟାକ୍ ତ୍ୱଚା ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ଗ୍ରୀନ୍ ମଟର ୧କପ୍, କଟା ଅମୃତଭଣ୍ଡା ୧କପ୍, ଗୋଲାପ ଜଳ ୧ଚାମଚ, ଚନ୍ଦନ ପାଉଡ଼ର ୧ରୁ୨ ଚାମଚ ନେବେ । ପ୍ରଥମେ ମଟର ଏବଂ ଅମୃତଭଣ୍ଡାକୁ ଗ୍ରାଇଣ୍ଡିଂ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ଗିନାରେ କାଢ଼ି ସେଥିରେ ଗୋଲାପ ଜଳ, ଚନ୍ଦନ ପାଉଡ଼ର ମିଶାଇ ଭଲ ଭାବରେ ମିଶ୍ରଣ କରନ୍ତୁ । ଏହି ଫେସ୍ ପ୍ୟାକ୍ ଲଗାଇବା ପୂର୍ବରୁ କଞ୍ଚା କ୍ଷୀରରେ ତ୍ୱଚାକୁ ସଫା କରିବେ । ତାହାପରେ ତ୍ୱଚାକୁ ଧୋଇ ଏହି ପ୍ୟାକ୍‌କୁ ମୁହଁ ଏବଂ ବେକରେ ଲଗାନ୍ତୁ । ପ୍ରାୟ ୧୫ ମିନିଟ୍ ପରେ ତ୍ୱଚା ଏବଂ ବେକକୁ ମସାଜ କରି ଉଷୁମ ପାଣିରେ ଧୋଇ ନେବେ । ଏହି ପ୍ୟାକ୍‌କୁ ସପ୍ତାହରେ ଦୁଇଥର ବ୍ୟବହାର କଲେ ତ୍ୱଚାରେ ଥିବା ଦାଗ ଭଲ ହେବା ସହିତ ଚେହେରା ଚମକି ଥାଏ ।

ରୋଷେଇ ଘରୁ

# କୋରିଏଣ୍ଡର୍ ରାଇସ୍



## ଆବଶ୍ୟକ ସାମଗ୍ରୀ:

ବାସ୍ମତି ରାଇସ୍ -୨୫୦ଗ୍ରାମ୍, ଧନିଆ ପତ୍ର, ପିଆଜ-୩, ରସୁଣ-୩/୪କଲି, ପୋଦିନା ପତ୍ର, ଅଦା-୧ଇଞ୍ଚ, କଞ୍ଚାଲଙ୍କା-୮, ଘିଅ-୨ଚାମଚ, ଗୋଟା ମସଲା (ଡାଲଚିନି, ଲବଙ୍ଗ, ଗୁଜୁରାତି, ଚକ୍ରଫୁଲ, ତେଜପତ୍ର), କଟା ଗାଜର ଅଧା କପ୍ , ବିନ୍ ଅଧା କପ୍, ଗ୍ରୀନ୍ ମଟର ଅଧା କପ୍, ଲୁଣ, ହଳଦି ।

**ପ୍ରଣାଳୀ:** ପ୍ରଥମେ ବାସ୍ମତି ଚାଉଳକୁ ୩୦ ମିନିଟ୍ ଭିଜେଇ ରଖିବେ । ଗୋଟିଏ ଡିସ୍‌ରେ ପାଣି ଗରମ ହେଲା ପରେ ତେଲ, ଲୁଣ, କଟା ଧନିଆ ପତ୍ର, ଚାଉଳକୁ ଦେଇ ଫୁଟା ଗାଳି ନେବେ । ପେଷ୍ଟ ପ୍ରସ୍ତୁତ କରିବା ପାଇଁ ଧନିଆ ପତ୍ର, ପିଆଜ, ରସୁଣ, ଅଦା, ପୋଦିନା ପତ୍ର, କଞ୍ଚାଲଙ୍କାକୁ ଗ୍ରାଇଣ୍ଡିଂ କରିବେ । ପ୍ୟାନ୍‌ରେ ଘିଅ ଗରମ ହେଲା ପରେ ଏଥିରେ ଗୋଟା ମସଲା ସବୁ ପକାଇ ନିଅନ୍ତୁ । ସେଥିରେ କାଟି ରଖିଥିବା ପିଆଜ, କଞ୍ଚାଲଙ୍କା ଦେଇ ହାଲୁକା ଭାବରେ ଭାଜିବେ । ସେସବୁ ଭାଜି ହେଲା ପରେ ଏଥିରେ କାଟି ରଖିଥିବା ଗାଜର, ବିନ୍, ଗ୍ରୀନ୍ ମଟରକୁ ୫ମିନିଟ୍ ପର୍ଯ୍ୟନ୍ତ ଭାଜିବେ । ସେଥିରେ ହଳଦି ପାଉଡ଼ର, ଲୁଣ ଏବଂ ଗ୍ରାଇଣ୍ଡିଂ କରି ରଖିଥିବା ପେଷ୍ଟକୁ ଦେଇ ମିଶେଇ ନିଅନ୍ତୁ । ଏହି ମସଲା ଫ୍ରାଏ ହେଇ ଆସିଲେ ସେଥିରେ କରି ରଖିଥିବା ଭାତକୁ ଦେଇ ଭଲ ଭାବରେ ମିଶାନ୍ତୁ । ଶେଷରେ ଏହାକୁ ଯେକୌଣସି ଚଟଣି ସହିତ ଖାଇପାରିବେ ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ** — କର୍ମକ୍ଷେତ୍ରରେ ଅଶାନ୍ତି ଦେଖା ଦେଇପାରେ, ସାମାଜିକ ମାନସମ୍ମାନ ବୃଦ୍ଧି ପାଇପାରେ । ବିବାଦ ଲାଗିଥିବା ତାହା ଆଲୋଚନା ଦ୍ୱାରା ସମାଧାନ ହେବ ।

**ବୃଷ** — ଚାକିରି କ୍ଷେତ୍ରରେ ଉନ୍ନତି ହେବ । ବନ୍ଧୁଙ୍କ ଦ୍ୱାରା ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ଅଶାନ୍ତି ଦୂର ହେବ । ଶାରୀରିକ ସୁସ୍ଥତା ବୃଦ୍ଧି ପାଇବ । ମହିଳାମାନେ ସୁଖୀ ହେବେ ।

**ମିଥୁନ** — ପରିବାରର ଉନ୍ନତି ହେବା ସଙ୍ଗେ ସଙ୍ଗେ ଆକସ୍ମିକ ଧନଲାଭ ହେବ । ବ୍ୟବସାୟରେ ଲାଭବାନ ହେବେ । ଶାରୀରିକ ସୁସ୍ଥତା ବୃଦ୍ଧି ପାଇବ । ପାରିବାରିକ ଶାନ୍ତି ମିଳିବ ।

**କର୍କଟ** — ବ୍ୟବସାୟରେ ଲାଭକ୍ଷତି ସମାନ ରହିବ । ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ । ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ଶତ୍ରୁମାନେ ପରାଜିତ ହେବେ ।

**ସିଂହ** — କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ । ଆର୍ଥିକ ଅଭାବ ଦେଖା ଦେଇପାରେ ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି । ଶାରୀରିକ ଅସୁସ୍ଥତା ଦେଖା ଦେଇପାରେ । ମହିଳାମାନେ ସୁଖୀ ହେବେ ।

**କନ୍ୟା** — ବନ୍ଧୁଙ୍କ ଦ୍ୱାରା ବ୍ୟବସାୟରେ ଉନ୍ନତି ହେବ । ନୂତନ ଦ୍ରବ୍ୟ ଲାଭ ହେବ । ସାମାଜିକ ପ୍ରତିଷ୍ଠା ମିଳିବ ମାଙ୍ଗଳିକ କାର୍ଯ୍ୟ ପାଇ ଆଲୋଚନା ହେବ । ଶାରୀରିକ ସୁଖ ଅନୁଭବ କରିବେ ।

**ତୁଳା** — ଧନ ସମ୍ପତ୍ତି ବୃଦ୍ଧି ପାଇବ ବ୍ୟବସାୟରେ ଲାଭବାନ ହେବେ । ଶତ୍ରୁମାନେ ପରାଜିତ ହେବେ । ପାରିବାରିକ ସୁଖ ବୃଦ୍ଧି ପାଇବ । ସାମାଜିକ ମାନସମ୍ମାନ ବୃଦ୍ଧି ପାଇବ ।

**ବିଛା** — ବିଭିନ୍ନ ସମସ୍ୟାର ସମାଧାନ ହେବ । ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ ମିଳିବ ବ୍ୟବସାୟରେ ଲାଭ ହେବ । ଅଧିକ ଅର୍ଥବ୍ୟୟ ହୋଇପାରେ । ପାରିବାରିକ ଅଶାନ୍ତି ବୃଦ୍ଧି ହେବ ।

**ଧନୁ** — କର୍ମକ୍ଷେତ୍ରରେ ସମ୍ମାନହାନି ହୋଇପାରେ, ବ୍ୟବସାୟ କ୍ଷତି ସହିପାରନ୍ତି । ପାରିବାରିକ ଅଶାନ୍ତି ବୃଦ୍ଧି ପାଇବ । ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ ଅର୍ଥବ୍ୟୟ ହେବ ।

**ମକର** — ବ୍ୟବସାୟରେ ବାଧାବିଘ୍ନ ଦୂର ହେବ । କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ । ବନ୍ଧୁ ସହଯୋଗ ପାଇବେ । ଗୃହନିର୍ମାଣର ସୁଯୋଗ ଆସିପାରେ । ମହିଳାମାନେ ସୁଖୀ ହେବେ ।

**କୁମ୍ଭ** — ସାମାଜିକ ମାନସମ୍ମାନ ବୃଦ୍ଧି ପାଇପାରେ ଆକସ୍ମିକ ଧନଲାଭ ହୋଇପାରେ କୌଶଳ ଦ୍ୱାରା ବ୍ୟବସାୟରେ ଲାଭବାନ ହେବେ । ଶାରୀରିକ ଅସୁସ୍ଥତା ଦେଖା ଦେଇପାରେ ।

**ମୀନ** — ଚାକିରି କ୍ଷେତ୍ରରେ ଚିନ୍ତିତ ରହିବେ । ବ୍ୟବସାୟରେ ଲାଭବାନ ହୋଇପାରନ୍ତି । ଅର୍ଥଲାଭ ହୋଇପାରେ ଶତ୍ରୁମାନେ ପରାଜିତ ହେବେ । ବିଭିନ୍ନ ସମସ୍ୟାର ସମାଧାନ ହେବ । ମାନ ସମ୍ମାନ ବୃଦ୍ଧି ପାଇବେ ।

ପର୍ଯ୍ୟଟନ

# ଫିରୋଜପୁରରେ ଫରିଦକୋଟ




ଦକ୍ଷିଣ-ପଶ୍ଚିମ ପଞ୍ଜାବରେ ଏକ ଛୋଟ ସହର ଫରିଦକୋଟ। ୧୯୭୨ ମସିହାରେ ଏହି ସହରର ନିର୍ମାଣ କରାଯାଇଥିଲା। ସୁଫି ସନ୍ଥ ବାବା ଶେଖ ଫରିଦୁଦ୍ଦିନ ଗଞ୍ଜଶାକରଙ୍କ ନାମାନୁସାରେ ଏହି ସହରର ନାମକରଣ ହୋଇଛି। ଏଠାକାର ଅଧିକାଂଶ ବାସିନ୍ଦା ଶିଖ୍ ସମ୍ପ୍ରଦାୟର। ସେହି କାରଣରୁ ଏହି ସହରରେ ରହିଛି ଏକାଧିକ ସୁନ୍ଦର ସୁନ୍ଦର ଗୁରୁଦ୍ୱାର। ଏସବୁ ଏ ସହରର ମୁଖ୍ୟ ପର୍ଯ୍ୟଟନ ସ୍ଥଳ। ଫରିଦକୋଟ ଓ ଏହାର ଆଖପାଖରେ ରହିଛି ଆହୁରି କେତୋଟି ଆକର୍ଷଣୀୟ ଦର୍ଶନୀୟ ସ୍ଥାନ। ଏହି ସବୁ ସ୍ଥାନ ବୁଲି ଦେଖିବା ପାଇଁ ପ୍ରତିବର୍ଷ ସାରା ଭାରତବର୍ଷର କୋଣ ଅନୁକୋଣରୁ ଆସନ୍ତି ହଜାର ହଜାର ପର୍ଯ୍ୟଟକ। ଦୁର୍ଗ, ରାଜମହଲ, ଫେୟରି କଟେଜ୍, କିଲ୍ଲା ମୁବାରକ, ଗୁରୁଦ୍ୱାର ଟିଲ୍ଲା ବାବା ଫରିଦ ଏ ସହରର ଶୋଭା ବଢ଼ାଇବା ସହ ପର୍ଯ୍ୟଟକଙ୍କୁ ଆକର୍ଷିତ କରି ଆଣୁଛି। ଗବେଷକ, ଇତିହାସପ୍ରେମୀ, ଜିଜ୍ଞାସୁ ବ୍ୟକ୍ତି ଏ ସହରର ସମୃଦ୍ଧ ଐତିହ୍ୟ ଅଧ୍ୟୟନ କରିବା ପାଇଁ ଏଠାକୁ ଆସିଥାନ୍ତି। ଫରିଦକୋଟ ଜିଲ୍ଲା ସାଂସ୍କୃତିକ ସମାଜ ପକ୍ଷରୁ ପ୍ରତିବର୍ଷ ସେପ୍ଟେମ୍ବର ୧୫ରୁ ୨୩ ତାରିଖ ପର୍ଯ୍ୟନ୍ତ ଏଠାରେ ଏକ ବାର୍ଷିକ ମେଳା ଆୟୋଜିତ ହୁଏ।

## ଫିରୋଜପୁର

ଫରିଦକୋଟଠାରୁ ପ୍ରାୟ ୪୦ କିଲୋମିଟର ଦୂରତାରେ ରହିଛି ଫିରୋଜପୁର। ପଞ୍ଜାବର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଏ ସହର ଅନ୍ୟତମ। ସତଲେଜ ନଦୀ ତଟରେ ଅବସ୍ଥିତ ଏ ସହରର ପ୍ରାକୃତିକ ଶୋଭା ସତରେ ଅବର୍ଣ୍ଣନୀୟ। ତୋଗଲକ ବଂଶର ସୁଲ୍‌ତାନ ଫିରୋଜ ଶାହ ତୋଗଲକ ଏହି ସହରର ସ୍ଥାପନା କରିଥିଲେ। ଭଟ୍ଟି କବି ପ୍ରମୁଖ ଫିରୋଜ ଖାନଙ୍କ ନାମ ଅନୁସାରେ ଏହ ସହରର ନାମକରଣ ହୋଇଛି ବୋଲି କୁହାଯାଏ। ଫିରୋଜପୁର ଏକ ଐତିହାସିକ ସହର। ଏହା ବ୍ୟତୀତ ଅନେକ ଧାର୍ମିକ ପୀଠ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ସ୍ଥାନ ଏ ସହରର ଆଉ ଏକ ଆକର୍ଷଣ। ଫିରୋଜପୁରରେ ରହିଛି ଅନେକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ସ୍ଥାନ, ଯାହା ପର୍ଯ୍ୟଟକଙ୍କୁ ଏ ସହରକୁ ବୁଲି ଆସିବା ପାଇଁ ଆକର୍ଷିତ କରିଥାଏ। ଏହି ସହରର ପ୍ରମୁଖ ସ୍ଥାନ ମଧ୍ୟରେ ରହିଛି ଜୈନ ମନ୍ଦିର, ପୋଥିମାଳା ଓ ଗୁରୁଦ୍ୱାର




ଗୁରୁସାର ଇତ୍ୟାଦି। ଭାରତ-ପାକିସ୍ତାନ ସୀମାରେ ଅବସ୍ଥିତ ଏହି ସହର ଆଂଗ୍ଲୋ-ଶିଖ୍ ଯୁଦ୍ଧ ଓ ବ୍ରିଟିଶ୍ ଶାସନ ସମୟରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ବେଶ୍ କେତୋଟି ସଂଗ୍ରହାଳୟ ଓ ଐତିହାସିକ ସ୍ମାରକ ରହିଛି ଏ ସହରରେ।

ଆଂଗ୍ଲୋ-ଶିଖ୍ ଯୁଦ୍ଧ ମେମୋରିଆଲ୍, ସାରାଗ୍ରହୀ ମେମେରିଆଲ୍, ରାଷ୍ଟ୍ରୀୟ ସହିଦ ସ୍ମାରକ ଓ ବାରକି ସ୍ମାରକ ଏ ସହରର ଉଲ୍ଲେଖଯୋଗ୍ୟ ପର୍ଯ୍ୟଟନ ସ୍ଥାନ। ପର୍ଯ୍ୟଟକ ଏହି ସବୁ ସ୍ଥାନ ଦେଖିବା ସହିତ ହରିକେ ପକ୍ଷୀ ବିହାର ବୁଲି ଦେଖିପାରିବେ। ଫିରୋଜପୁରଠାରୁ ଏହି ପକ୍ଷୀ ବିହାରର ଦୂରତା ୯୦ କିଲୋମିଟର। ଗୁରୁହାରସହାଇଠାରୁ ୫୫ ଓ ଫାଜିକା ହନୁମାନ ମନ୍ଦିରଠାରୁ ୪୦ କିଲୋମିଟର ଦୂରତାରେ ଅବସ୍ଥିତ ହରିକେ ପକ୍ଷୀ ବିହାର।


ଆପଣଙ୍କ ପାଖରେ ଯଦି ଦିନେ ଦୁଇ ଦିନ ଅଧିକ ସମୟ ଅଛି ଓ ଫରିଦକୋଟ, ଫିରୋଜପୁର ଆଦି ବୁଲାବୁଲି କରିସାରିବା ପରେ ଆଖପାଖର ଆଉ କିଛି ଦର୍ଶନୀୟ ସ୍ଥାନ ଭ୍ରମଣ କରିବାକୁ ଇଚ୍ଛା ହେଉଛି, ତା'ହେଲେ ପଞ୍ଜାବର ଅନ୍ୟତମ ସହର ବାଟିଣ୍ଡା ଆସିପାରନ୍ତି। ଫରିଦକୋଟରୁ ବାଟିଣ୍ଡାର ଦୂରତା ୬୭ କିଲୋମିଟର। ପଞ୍ଜାବର ଅନ୍ୟାନ୍ୟ ସହର ଭଳି ବାଟିଣ୍ଡାରେ ମଧ୍ୟ ରହିଛି ଅନେକ ଦୁର୍ଗ, ଗୁରୁଦ୍ୱାର ଓ ମନ୍ଦିର ଭଳି ଧାର୍ମିକ ସ୍ଥଳ। କିଲା ମୁବାରକ ଏହି ସହରର ସବୁଠୁ ବଡ଼ ଆକର୍ଷଣ। ଛୋଟ ଛୋଟ ଇଟାରେ ନିର୍ମିତ ଏହି କିଲା ସୁନ୍ଦର ବାସ୍ତୁକଳା ପାଇଁ ପ୍ରସିଦ୍ଧିଲାଭ କରିଛି। ଏହା ବ୍ୟତୀତ ଚେତକ ପାର୍କ, ଦମ୍‌ଦମା ସାହିବ, ବାଟିଣ୍ଡା ହ୍ରଦ, ମୈସର ଖାନା, ପ୍ରାଣୀ ଉଦ୍ୟାନ, ଧୋବି ବାଜାର, ପୀର ହାଜି ରତନକି ମଜାର ବାଟିଣ୍ଡାର ଆଉ ଗୋଟିଏ ଗୋଟିଏ ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ।

## କେମିତି ଯିବେ ?

ଫରିଦକୋଟର ନିକଟତମ (୧୨୮କିଲୋମିଟର) ବିମାନ ବନ୍ଦର ରହିଛି ଅମୃତସରରେ। ଏହି ସହରକୁ ଆସିବା ପରେ ଆପଣ ରେଳ କିମ୍ବା ବସ୍ ଯୋଗେ ଫରିଦକୋଟ ଯାଇପାରିବେ। ଅକ୍ଟୋବରରୁ ଡିସେମ୍ବର ମାସ ଫରିଦକୋଟ ବୁଲି ଯିବା ପାଇଁ ସବୁଠୁ ଭଲ ସମୟ। ଫରିଦକୋଟରେ ବୁଲାବୁଲି କରିସାରି ବସ୍ କିମ୍ବା ଟ୍ୟାକ୍ସି ଯୋଗେ ଆପଣ ଫିରୋଜପୁର ଓ ବାଟିଣ୍ଡା ଯାଇପାରିବେ।









# ପିଲାଙ୍କୁ ଏମିତି ଗଢ଼ନ୍ତୁ :

ଅଧିକାଂଶ ବାପା, ମା’ ଭାବନ୍ତି ପିଲାଟି ତ ଏବେ ଛୋଟ ଅଛି । ସେ ଖେଳୁ, ବୁଲାବୁଲି କରୁ । ତା’ର ମନ ହେଲେ ପଢୁ ବା ଟିଭିରୁ କାର୍ଟୁନ୍ ଦେଖୁ । ମାତ୍ର ସର୍ବଦା ଏଭଳି ବିଚାର କରିବା ବା ପିଲାଙ୍କୁ ସେମାନଙ୍କ ରାସ୍ତାରେ ଛାଡ଼ିଦେବା ଉଚିତ ନୁହେଁ । ଉଭୟ ପଢ଼ିବା ଓ ଖେଳିବା ପିଲାଙ୍କ ପାଇଁ ଜରୁରୀ । ତେବେ ଯେତେ କାମ ଥିଲେ ହେଁ ସମୟ ବାହାର କରି ଦିନରେ ଥରେ ହେଉ ପଛେ ପିଲାଙ୍କ ସହ କଥାବାର୍ତ୍ତା କରନ୍ତୁ । ଏଭଳି କରିବା ଦ୍ୱାରା ପିଲାଏ ଆପଣଙ୍କଠାରୁ ନୂଆ ନୂଆ ଶବ୍ଦ ଶିଖିବେ ଓ ତାହାକୁ ପୁନରାବୃତ୍ତି କରିବାର ଚେଷ୍ଟା କରିବେ । କୁହାଯାଏ ଲକ୍ଷ୍ୟହୀନ ଜୀବନ ନାଉରୀ ନଥିବା ନଉକା ପରି । ଜୀବନରେ ସଫଳତା ପାଇବାକୁ ହେଲେ, ଉଚ୍ଚ ସୋପାନରେ ପହଞ୍ଚିବାକୁ ହେଲେ ଲକ୍ଷ୍ୟଟିଏ ଜରୁରୀ । ମାତ୍ର ଚପଳମତି ପିଲାଏ ଏ ବାବଦରେ ଜାଣନ୍ତି ନାହିଁ । ଅଭିଭାବକଙ୍କ ଦାୟିତ୍ୱ ହେଉଛି, ସେମାନେ ପିଲାଙ୍କୁ ଏ ବାବଦରେ ସୂଚନା ଦେବେ । ପିଲାଏ ଭବିଷ୍ୟତରେ କ’ଣ ହେବାକୁ ଚାହୁଁଛନ୍ତି ବା ସେମାନଙ୍କ ଜୀବନର ଲକ୍ଷ୍ୟ କ’ଣ ତାହା ପଚାରିବା ସହ ଲକ୍ଷ୍ୟ ସ୍ଥିର କରିବାରେ ସେମାନଙ୍କୁ ସହାୟତା କରିବା ଉଚିତ । ମନେରଖନ୍ତୁ, ସେମାନଙ୍କ ଲକ୍ଷ୍ୟ ସମ୍ପର୍କରେ ସହାୟତା କରିବାକୁ ଯାଇ ଆପଣ ନିଜ ଇଚ୍ଛା, ଅଭିଳାଷକୁ ଜୋର୍ କରି ସେମାନଙ୍କ ଉପରେ ଲଦି ଦିଅନ୍ତୁ ନାହିଁ । ତା’ଛଡ଼ା ଜୀବନର ଲକ୍ଷ୍ୟ କେବଳ ଆଇଏଏସ୍, ବୈଜ୍ଞାନିକ ବା ଡାକ୍ତର ହେବା ନୁହେଁ । ଭଲ ମଣିଷ ହେବା ମଧ୍ୟ ଜୀବନର ଲକ୍ଷ୍ୟ ହେବା ଉଚିତ ବୋଲି ସେମାନଙ୍କୁ ବୁଝାନ୍ତୁ । ପିଲାଙ୍କର ଯେଉଁଥିରେ ରୁଚି ବା ଆଗ୍ରହ ଅଛି, ତାଙ୍କୁ ସେ ଦିଗରେ ଆଗକୁ ବଢ଼ିବା ପାଇଁ ସ୍ୱାଧୀନତା ମଧ୍ୟ ଦିଅନ୍ତୁ । ଆପଣଙ୍କ ଘରକୁ ତ ପ୍ରତିଦିନ ଖବରକାଗଜ ଆସୁଥିବ, ମାସିକ, ପାକ୍ଷିକ ପତ୍ରିକା ଆସୁଥିବ । ଏସବୁଥିରୁ କୌଣସି ଗୋଟିଏ ବିଷୟ ବାଛନ୍ତୁ ଓ ତାହାକୁ ପଢ଼ିବା ପାଇଁ ପିଲାଙ୍କୁ କୁହନ୍ତୁ । ଟିଭିରେ ପ୍ରସାରିତ କୌଣସି ଏକ ପ୍ରସଙ୍ଗ ସମ୍ପର୍କରେ ମଧ୍ୟ ପିଲାଙ୍କୁ ପ୍ରଶ୍ନ କରନ୍ତୁ ବା ସେମାନେ ସେଥିରୁ କ’ଣ ବୁଝିଲେ ବୋଲି ପଚାରନ୍ତୁ । ସେମାନଙ୍କ ଉତ୍ତର ସହ ଆପଣ ନିଜ ବିଚାର ମିଶାଇ ପିଲାଙ୍କ ସହିତ ଚର୍ଚ୍ଚା କରନ୍ତୁ । ପ୍ରଥମେ ପ୍ରଥମେ ହୁଏତ ପିଲାଏ ଏଥିରେ ଆଗ୍ରହ ଦେଖାଇବେ ନାହିଁ । ହୋଇପାରେ ଆପଣଙ୍କୁ ମଧ୍ୟ ଏହା ବୋରିଂ ମନେହେବ । ମାତ୍ର କିଛିଦିନ ପରେ ଏସବୁରେ ସେମାନଙ୍କର ରୁଚି ବଢ଼ିବ । ଆପଣଙ୍କ ସହ ଚର୍ଚ୍ଚାରୁ ସେମାନଙ୍କର ସାଧାରଣ ଜ୍ଞାନ ବଢ଼ିବ । ଏହା ଦ୍ୱାରା ସେମାନେ ତର୍କ, ବକ୍ତୃତା ପ୍ରତିଯୋଗିତା, ଚର୍ଚ୍ଚା ଆଦିରେ ପାରଦର୍ଶିତା ଲାଭ କରିବେ ।









# ଆଦର୍ଶ ବଜାୟ ରଖନ୍ତୁ :

କାହାକୁ ଦେଖି ବା ଦେଖାଇ ନିଜର କାର୍ଯ୍ୟ କରିବା ଉଚିତ ନୁହେଁ । ନିଜେ କେତେ କାମ ଠିକ୍ ଭାବରେ କରିପାରୁଛ, ତାହା ନିଜ ପାଇଁ ବଡ଼ ଚ୍ୟାଲେଞ୍ଜ । କାହା ସହ ପ୍ରତିଯୋଗୀ ମନୋଭାବ ନେଇ କିମ୍ବା କାହା ସହ ନିଜକୁ ତୁଳନା କରି କାର୍ଯ୍ୟ କରିବା ଉଚିତ ନୁହେଁ । ଅଫିସରେ ଛୋଟ ହେଉ କି ବଡ଼ ସମସ୍ତେ ନିଜ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ, ତୁମେ କାହିଁକି କାହା ସହ ନିଜକୁ ତୁଳନା କରି ଅଯଥା ସମୟ ନଷ୍ଟ କରିବ । ବରଂ ନିଜର କାର୍ଯ୍ୟ କିପରି ଠିକ୍ ହୋଇପାରିବ, ସେଥିପାଇଁ ସବୁବେଳେ ଧ୍ୟାନଦେବା ଉଚିତ । ଅନେକ ସମୟରେ ନିଜର ଅନେକ କାମକୁ ଆଉ କାହା ଉପରେ ନ୍ୟସ୍ତ କରି କିମ୍ବା କାହାକୁ ହାକିମାତି ଦେଖାଇ କରିବାକୁ ଚାହିଁଥାନ୍ତି । ଏହି ଉପାୟରେ କାମ ହୋଇଯାଏ ସତ, ତାହା କିନ୍ତୁ ସବୁବେଳେ ସମ୍ଭବ ହୋଇ ନଥାଏ । ଅନେକ ସମୟରେ ଅସହଯୋଗ ମଧ୍ୟ ମିଳିଥାଏ, ଯାହା ନିଜକୁ ବହୁତ କଷ୍ଟ ଦେଇଥାଏ । ଯଦି ସବୁବେଳେ ନିଜ କାମରେ ଧ୍ୟାନଦେଇ କାର୍ଯ୍ୟ କରାଯାଏ, ଭୁଲ୍‌ଭଟକା ହେଲେ ମଧ୍ୟ ମ୍ୟାନେଜ୍ କରିହୁଏ । ଯଦି ଅନ୍ୟ କେହି ନିଜ କାମକୁ କରି ଭୁଲ କରେ, ନିଜର ଭାବମୂର୍ତ୍ତି ନିଶ୍ଚିତ ଭାବରେ କ୍ଷୁର୍ଣ୍ଣ ହୋଇଥାଏ । ନିଜକୁ ନିଜର ଆଦର୍ଶ କରି ଯଦି କାମ କରାଯାଏ, ଭବିଷ୍ୟତରେ ଆଗକୁ ଯିବାକୁ ନିଶ୍ଚୟ ଏହା ପଥ ପରିଷ୍କାର କରିବ ।

# ବ୍ଲାକସ୍ପଟ୍

**ଆଦିତ୍ୟ କୁମାର ମହାନ୍ତି**











ଜାତୀୟ ସଡ଼କ ଦୁର୍ଘଟଣା-୨୦୨୨ର ତଥ୍ୟ ଅନୁସାରେ ଦେଶରେ ପ୍ରତି ୧୦୦ ଦୁର୍ଘଟଣାରେ ହାରାହାରି ୩୬ ଜଣଙ୍କ ମୃତ୍ୟୁ ଘଟୁଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ଅଧିକ। ଏହି ରିପୋର୍ଟ କହୁଛି ଓଡ଼ିଶାରେ ପ୍ରତି ୧୦୦ ଦୁର୍ଘଟଣାରେ ୪୬ ଜଣ ପ୍ରାଣ ହରାଉଛନ୍ତି। ତ୍ରୁଟିପୂର୍ଣ୍ଣ ଗାଡ଼ି ଚାଳନା ଓ ଭୁଲ ରାସ୍ତା ଡିଜାଇନ ଏଠାରେ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ। ଏଥିସହ କୁହୁଡ଼ି, ମଦ୍ୟପାନ ଓ ଦୀର୍ଘ ସମୟ ଧରି ଗାଡ଼ି ଚାଳନା ଅନ୍ୟ ପ୍ରମୁଖ କାରଣ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏଥିସହ କିଛି ଦୁର୍ଘଟଣାପ୍ରବଣ ଅଞ୍ଚଳ ଥାଏ ଯେଉଁଠାରେ ଦୁର୍ଘଟଣା ଅଧିକ ହୋଇଥାଏ।

ରାସ୍ତା ଅଛି ତ ଯୋଗାଯୋଗ ଅଛି ତେବେ ବଡ଼ କଥା ହେଉଛି ସୁରକ୍ଷିତ ଭାବେ ଯାତ୍ରା କରିବା। ଆମେ ଯେତେ ସଡ଼କ ଦୁର୍ଘଟଣା ଦେଖୁ ଅନେକ କ୍ଷେତ୍ରରେ ଆଲୋଚନା ହୁଏ ଯେ ଦୁର୍ଘଟଣାଟି ବ୍ଲାକସ୍ପଟ୍ ସ୍ଥାନରେ ସଂଗଠିତ ହୋଇଛି। ତେଣୁ ଆସନ୍ତୁ ସର୍ବପ୍ରଥମେ ଆଲୋଚନା କରିବା ଏହି ବ୍ଲାକସ୍ପଟ୍‌ଟି କ'ଣ ? ଅସ୍ୱାଭାବିକ ଭାବେ ଅଧିକ ଦୁର୍ଘଟଣା ଘଟୁଥିବା ସ୍ଥାନକୁ ବ୍ଲାକସ୍ପଟ୍ କୁହାଯାଏ। ବାସ୍ତବରେ ବ୍ଲାକସ୍ପଟ୍ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନୁହେଁ, ଏହା ହେଉଛି ୩୦୦ ମିଟରରୁ ଅଧ କିଲୋମିଟର ଯାଏ ଲମ୍ବିଥିବା ଏକ ଅଞ୍ଚଳ। ଯେଉଁଠାରେ ୫ଟି ଦୁର୍ଘଟଣାରେ ଲୋକେ ଗୁରୁତର ଆହତ ହୋଇଥିବେ ବା ପ୍ରାଣ ହରାଇଥିବେ ଅଥବା ୩ ବର୍ଷରେ ୧୦ଟି ଗୁରୁତର ଦୁର୍ଘଟଣା ଘଟିଥିବ ସେହି ସ୍ଥାନକୁ ବ୍ଲାକସ୍ପଟ୍ ଭାବେ ଚିହ୍ନିତ କରାଯାଇଥାଏ। ଓଡ଼ିଶାର ବିଭିନ୍ନ ରାଜ୍ୟ ରାଜପଥ ଓ ଜିଲ୍ଲା ସଦର ମହକୁମାକୁ ସଂଯୋଗ କରୁଥିବା ରାସ୍ତାରେ ୨୫୯ଟି ବ୍ଲାକସ୍ପଟ୍ ଚିହ୍ନଟ କରାଯାଇଛି। ଖୋର୍ଦ୍ଧା, ଯାଜପୁର, କେନ୍ଦ୍ରାପଡ଼ା ଓ କେନ୍ଦୁଝର ଭଳି ଜିଲ୍ଲାରେ ସର୍ବାଧିକ ବ୍ଲାକସ୍ପଟ୍ ରହିଥିବା ତଥ୍ୟ କହୁଛି। ଏଠାରେ ଦୁର୍ଘଟଣାର କାରଣ ଅନ୍ୱେଷଣ ଓ ପ୍ରତିକାର ବିଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ଲାକସ୍ପଟ୍ କମିଟି ମଧ୍ୟ ଗଠନ କରାଯାଇଛି।

ସଡ଼କ ଦୁର୍ଘଟଣା ସହିତ ସଡ଼କ ସମ୍ମୋହନର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି କାରଣ ଏହା ହିଁ ଦୁର୍ଘଟଣାକୁ ଅତି ଭୟାନକ ଓ ଦୁଃଖଦପୂର୍ଣ୍ଣ କରିଥାଏ। ତେବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଏହି ସଡ଼କ ସମ୍ମୋହନ କ'ଣ ? ମନେକରନ୍ତୁ ଆପଣ କୁଆଡ଼େ ଏକ ଦୂର ସ୍ଥାନକୁ ଯାତ୍ରା କରୁଛନ୍ତି। ବେଳେ ବେଳେ ଆପଣ ଅନୁଭବ କରିଥିବେ, ଗାଡ଼ି ଚଳାଇବା ବେଳେ ସାଇନବୋର୍ଡ଼ରେ ଆପଣ ଗନ୍ତବ୍ୟସ୍ଥଳକୁ ୬୨ କି.ମି. ଥିବା ଦେଖିଥିବେ। ହଠାତ କିଛି ସମୟ ପରେ ଆପଣ ପଲକ ପକାଇ ଦେଖିବେ ଯେ ସାଇନବୋର୍ଡ଼ରେ ଲେଖା ହୋଇଛି ଆପଣଙ୍କ ଗନ୍ତବ୍ୟସ୍ଥଳକୁ ଆଉ ୪୦ କି.ମି.। ଆପଣ ନିଶ୍ଚିତ ଥିବେ ଯେ ଆପଣ ଶୋଇନାହାନ୍ତି, କିନ୍ତୁ ୨୨ କି.ମି.ରେ କ'ଣ ଘଟିଲା, କେମିତି ଏତେ ଦୂରତା ଆପଣ ଅତିକ୍ରମ କଲେ, ସେ ନେଇ ଆପଣ କିଛି ମନେ ପକାଇ ପାରୁନାହାଁନ୍ତି। ମସ୍ତିଷ୍କର ଏହି ସ୍ଥିତିକୁ ସଡ଼କ ସମ୍ମୋହନ ବା ରୋଡ୍ ହିପନୋଟାଇଜ୍ କୁହାଯାଇଥାଏ। ଏହି ସ୍ଥିତିରେ ବ୍ୟକ୍ତି ଅବଚେତନ ଅବସ୍ଥାକୁ ଚାଲିଯାଏ ଏବଂ ମସ୍ତିଷ୍କ ବ୍ଲାକ୍ ଆଉଟ୍ ହୋଇଯାଏ। ସାଧାରଣତଃ ଅଢ଼େଇ ଘଣ୍ଟାରୁ ଅଧିକ ସମୟ ଧରି ଲଗାତାର ଗାଡ଼ି ଚଳାଇବା ଫଳରେ ଏଭଳି ଘଟିଥାଏ। କେବଳ ଲମ୍ବା ସମୟ ଧରି ଗାଡ଼ି ଚଳାଇବା ଯୋଗୁଁ ନୁହେଁ, ଏକାଭଳି ଦେଖାଯାଉଥିବା ରାସ୍ତାରେ ଗାଡ଼ି ଚଳାଇଲେ ବି ସଡ଼କ ସମ୍ମୋହନ ହୋଇଥାଏ।

ସଡ଼କ ସମ୍ମୋହନରୁ ବର୍ତ୍ତିବା ପାଇଁ ପ୍ରତିକାର ହେଉଛି। ଲମ୍ବା ରାସ୍ତାରେ ଯାତ୍ରା କଲାବେଳେ ପ୍ରତି ୧ କିମ୍ବା ୨ ଘଣ୍ଟାରେ ଥରେ ଗାଡ଼ିରୁ ଓହ୍ଲାଇ ବାହାରେ ବୁଲିବା ବା ଜଗିଂ କରିବା ଦ୍ୱାରା ମସ୍ତିଷ୍କ ସକ୍ରିୟ ହୋଇଉଠେ। ଗାଡ଼ି ଚଳାଇଲା ବେଳେ ନିଦ ଲାଗିଲେ ବା ବିରକ୍ତ ଲାଗିଲେ, ଗାଡ଼ିରୁ ଓହ୍ଲାଇ କିଛି ଚା' କଫି ସହ ସ୍ନାକ୍ସ ଖାଇପାରିବେ। ଗାଡ଼ି ଚଳାଇଲା ବେଳେ ସହଯାତ୍ରୀଙ୍କ ସହ କଥାବାର୍ତ୍ତା ବା ଉଚ୍ଚ ସ୍ୱରରେ ଗୀତ ଶୁଣିବା ଦ୍ୱାରା ବି ସଡ଼କ ସମ୍ମୋହନରୁ ବର୍ତ୍ତି ହେବ। କାର ବା ବସରେ ଗଲାବେଳେ ମଝିରେ ମଝିରେ ଝରକା ଖୋଲିବା ଦ୍ୱାରା ବି ଲାଭ ମିଳିଥାଏ। ବାହାର ପରିବେଶ ସଂସ୍ପର୍ଶରେ ଆସି ମସ୍ତିଷ୍କ ସତେଜ ଅନୁଭବ କରେ। ଗାଡ଼ି ଚଳାଇଲା ବେଳେ ଗାଡ଼ିର ବେଗ ଓ ମ୍ୟାପ ଉପରେ ଦୃଷ୍ଟି ନିକ୍ଷେପ କଲେ ବା ନିୟମିତ ଯାଉଥିବା ରାସ୍ତାରେ ନ ଯାଇ ନୂଆ ରାସ୍ତାରେ ଗଲେ ଲାଭ ମିଳିପାରିବ।

ଭାରତର ରାସ୍ତା ତଥା ଭାରତୀୟ ଗାଡ଼ିଚାଳକମାନେ ହେଉଛନ୍ତି ପୃଥିବୀର ସବୁଠାରୁ ବିପଜ୍ଜନକ। ଏହି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଦରକାର ଚାଳକମାନଙ୍କ ସାବଧାନତା, ଭଲ ସଡ଼କ ଉପଯୋଗୀ ଗାଡ଼ିର ଚଳାଚଳ ଏବଂ ଖିଲାପିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଭାରତର ଲାଇଫ୍ ଲାଇନ୍ କୁହାଯାଉଥିବା ସଡ଼କ ପଥ ଗୁଡ଼ିକ ସଂପ୍ରତି ଅସୁରକ୍ଷିତ ହୋଇପଡ଼ିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ଅଧିକାଂଶ ସଡ଼କ ବର୍ତ୍ତମାନ ସୁଦ୍ଧା ଖାଲ ଖମାରେ ଭର୍ତ୍ତି, ଦୁଇପଟେ ଘର ଉଠୁଥିବାରୁ ଅନେକ ସଡ଼କପଥର କଡ଼ ଅଂଶ ଜବର ଦଖଲ ହୋଇଥାଏ ଯାହାଦ୍ୱାରା ରାସ୍ତାରେ ଗମନା ଗମନ ସଙ୍କୁଚିତ ହେବାକୁପଡ଼େ। ସେହିପରି ସରକାରୀ ଆଇନକାନୁନ୍ ଓ ପରିବହନ ସଂକ୍ରାନ୍ତୀୟ ଜ୍ଞାନ ନଥାଇ ଅନେକ ଗାଡ଼ି ଚାଳକଙ୍କ ନିଜ ଷ୍ଟାଇଲରେ ଗାଡ଼ି ଚଲାଇବାଦ୍ୱାରା ଉଦ୍‌ବେଗଜନକ ଦୁର୍ଘଟଣା ବଢ଼ିଥାଏ। ମଦ୍ୟପାନ ବା ନିଶାସେବନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ସଂଖ୍ୟା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ ବଢ଼ିବାରେ ଲାଗିଛି। ସଡ଼କଟି ପାଦ ଚଲା ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଲାଣି। ମୋବାଇଲ ଫୋନ୍‌ରେ ଗପିବାର ବ୍ୟସ୍ତ ରହି ଅନେକ ପଥଚାରୀ ସହଜେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଉତ୍ତମ ଗମନାଗମନର ସୁଯୋଗ ତଥା ଲୋକମାନଙ୍କ ଭିତରେ ସମ୍ପର୍କର ଦୂରତ୍ୱକୁ କମାଇବା ପାଇଁ ସରକାର ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ଏହାର ତମାମ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ତେବେ ଏସବୁ ଭିତରେ ସଚେତନତା ବଢ଼ାଇବା ଆମ ମାନଙ୍କର ପ୍ରମୁଖ କର୍ତ୍ତବ୍ୟ। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

■ ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଶ୍ୱାସକ୍ରିୟା ଜନିତ ନୂଆ ସ୍ୱାସ୍ଥ୍ୟ ସମସ୍ୟା : ହ୍ୟୁମାନ ମେଟାନ୍ୟୁମୋଭାଇରସ୍



## ଛୋଟ ପିଲା ଓ ବୟସ୍କଙ୍କ ପାଇଁ ଏଚଏମପିଭି ମାରାତ୍ମକ ହୋଇପାରେ।

● ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ



ଚୀନରେ ଶ୍ୱାସକ୍ରିୟାଜନିତ ରୋଗ ବୃଦ୍ଧି ପାଉଥିବା ବେଳେ ହ୍ୟୁମାନ ମେଟାନ୍ୟୁମୋଭାଇରସ୍ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ଏହି ଭାଇରସ ପାଇଁ ଚୀନରେ ଅତି ଉଦବେଗଜନକ ସ୍ଥିତି ଉପୁଜିଥିବା ଖବର ପ୍ରକାଶ ପାଇବା ପରେ ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି ହୋଇଛି। ତେବେ କେନ୍ଦ୍ର ସରକାର ଦେଶବାସୀଙ୍କୁ ଆଶ୍ୱସ୍ତି କରି କହିଛନ୍ତି ଚୀନର ନୂଆ ଭୂତାଣୁକୁ ନେଇ ଭୟ କରିବାର କୌଣସି ଆବଶ୍ୟକତା ନାହିଁ। ଯେକୌଣସି ପ୍ରକାର ଶ୍ୱାସକ୍ରିୟା ଜନିତ ରୋଗର ମୁକାବିଲା ଲାଗି ଭାରତ ଭଲ ଭାବେ ପ୍ରସ୍ତୁତ। ଏଚ୍ଏମ୍ପିଭି ସଂକ୍ରମଣକୁ ଏଡ଼ାଇବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀମାନେ ଅତି କମରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ସାବୁନ ଓ ପାଣିରେ ବାରମ୍ବାର ହାତ ଧୋଇବାକୁ ପରାମର୍ଶ ଦେଇଛନ୍ତି। ଅପରିଷ୍କାର ହାତରେ ନାକ କିମ୍ବା ପାଟିରେ ହାତ ଦେବା ଏବଂ ଅସୁସ୍ଥ ବ୍ୟକ୍ତିଙ୍କ ସହ ଘନିଷ୍ଠ ସଂସ୍ପର୍ଶରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଲକ୍ଷଣ ଥିବା ବ୍ୟକ୍ତି ବାହାରକୁ ବାହାରିବା ସମୟରେ କିମ୍ବା ଛିଙ୍କିବା ବା କାଶିବା ସମୟରେ ମାସ୍କ ପିନ୍ଧିବା ଉଚିତ।

ବାସ୍ତବ କଥା ହେଉଛି ବର୍ତ୍ତମାନ ଏଚ୍ଏମ୍ପିଭି ପାଇଁ କୌଣସି




ନିର୍ଦ୍ଦିଷ୍ଟ ଆଣ୍ଟିଭାଇରାଲ ଚିକିତ୍ସା ନାହିଁ। କୌଣସି ଟିକା ମଧ୍ୟ ବିକଶିତ ହୋଇନାହିଁ। ଲକ୍ଷଣ ଗୁଡ଼ିକର ସମାଧାନ ପାଇଁ ସାଧାରଣ ସହାୟକ ଯତ୍ନ ଦିଆଯାଏ। ଆସନ୍ତୁ ସର୍ବପ୍ରଥମେ ଜାଣିବା ଏହି ଭୂତାଣୁଟି କ'ଣ ? ହ୍ୟୁମାନ ମେଟାନ୍ୟୁମୋଭାଇରସ ହେଉଛି ଏକ ଭୂତାଣୁ ଯାହା ସାଧାରଣ ଥଣ୍ଡା ଭଳି ଲକ୍ଷଣ ସୃଷ୍ଟି କରିଥାଏ। ସାଧାରଣ କ୍ଷେତ୍ରରେ ଏହା କାଶ ବା ଝାଡ଼ାବାନ୍ତି, ନାକରୁ ପାଣି ବାହାରିବା କିମ୍ବା ଗଳା ଯନ୍ତ୍ରଣା ସୃଷ୍ଟି କରିଥାଏ। ରୋଗ ପ୍ରତିରୋଧ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତିଙ୍କ ଠାରେ ଏହି ଭୂତାଣୁ ଗମ୍ଭୀର ରୋଗର କାରଣ ହୋଇପାରେ। ତେବେ ଯେଉଁ ଛୋଟପିଲାମାନେ ଜନ୍ମରୁ କୌଣସି ଜଟିଳ ରୋଗର ଶିକାର ହୋଇଥାନ୍ତି କିମ୍ବା ଗର୍ଭାବସ୍ଥାରେ ସେମାନଙ୍କର କୌଣସି ଅସ୍ୱାଭାବିକତା ଥାଏ ଏବଂ ଯେଉଁ ପିଲାମାନଙ୍କର ରୋଗ ପ୍ରତିରୋଧକ ତଥା ଶାରୀରିକ ଅଭିବୃଦ୍ଧି ବିକାଶ କମ ରହିଥାଏ ସେମାନେ ଏହାର ସହଜ ଶିକାର ହେବାର ସମ୍ଭାବନା ରହିଛି। ତେବେ ସୁସ୍ଥ ଓ ସବଳ ପିଲାମାନେ ଯେ କବଳିତ ହେବେ ନାହିଁ ସେପରି କିଛି ମାନେ ନାହିଁ।




କ୍ଲିଭଲ୍ୟାଣ୍ଡ କ୍ଲିନିକ ଅନୁଯାୟୀ ଏହା ଏକ ଉପର ଶ୍ୱାସନଳୀ ସଂକ୍ରମଣ, କିନ୍ତୁ ଏହା ବେଳେ ବେଳେ ନିମୋନିଆ, ଆଜମା, ଫ୍ଲେୟାର ଅପ୍ ଭଳି ନିମ୍ନ ଶ୍ୱାସନଳୀ ସଂକ୍ରମଣ ସୃଷ୍ଟି କରିପାରେ କିମ୍ବା କ୍ରନିକ ଅବଷ୍ଟ୍ରକ୍ଟିଭ ପଲମୋନାରି ଡିଜିଜ୍‌କୁ ଅଧିକ ଖରାପ କରିପାରେ। ଆମେରିକାର ରୋଗ ନିୟନ୍ତ୍ରଣ ଓ ନିରାକରଣ କେନ୍ଦ୍ର ସିଡିସି ଅନୁଯାୟୀ ୨୦୦୧ ମସିହାରେ ଏଚ୍ଏମ୍ପିଭି ଆବିଷ୍କୃତ ହୋଇଥିଲା। ଏହା ନ୍ୟୁମୋଭିରିଡ଼ି ପରିବାରର ଏକ ଶ୍ୱାସକ୍ରିୟା ସଙ୍କିଟିଆଲ ଭାଇରସ। ରୋଗର ଗମ୍ଭୀରତା ଉପରେ ନିର୍ଭର କରି ରୋଗର ଅବଧି ଭିନ୍ନ ଭିନ୍ନ ହୋଇପାରେ, କିନ୍ତୁ ସାଧାରଣ ଅବଧି ହେଉଛି ୩ରୁ ୬ ଦିନ। ସିଡିସି ଅନୁଯାୟୀ ଏଚଏମପିଭି ସଂକ୍ରମଣର ଲକ୍ଷଣ ବ୍ରୋଙ୍କାଇଟିସ କିମ୍ବା ନିମୋନିଆରେ ପରିଣତ ହୋଇପାରେ।

ଏହି ଭୂତାଣୁ ସଂକ୍ରମଣର ଲକ୍ଷଣ ଓ ପ୍ରତିକାର ହେଉଛି ଏହା ପୀଡ଼ିତର ଉପର ପାର୍ଶ୍ୱ ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ପରବର୍ତ୍ତୀ ସମୟରେ ଏହା ନିମ୍ନ ଭାଗ ଶ୍ୱାସକ୍ରିୟାକୁ ମଧ ପ୍ରଭାବିତ କରିଥାଏ। ଏହି ଭୂତାଣୁ ସଂକ୍ରମଣରେ ଜ୍ୱର ହେବା ସହିତ କାଶ, ନାକ ରୁନ୍ଧି ହେବା, ଗଳା ଦରଜ, ଶ୍ୱାସକ୍ରିୟାରେ କଷ୍ଟ ଭଳି ଲକ୍ଷଣ ପ୍ରକାଶ ପାଇଥାଏ। ଏପରି ଲକ୍ଷଣ ୩ରୁ ୬ ଦିନ ଲାଗି ରହିଥାଏ। ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବା କିମ୍ବା କାଶ ଓ ଛିଙ୍କରୁ ଏହି ଭୂତାଣୁ ଅନ୍ୟ ଜଣଙ୍କୁ ସଂକ୍ରମଣ ହୋଇଥାଏ। ତେଣୁ ସଂକ୍ରମଣରୁ ଦୂରେଇ ରହିବାକୁ ହେଲେ ସାମାଜିକ ଦୂରତା ରକ୍ଷା କରିବା ଦରକାର। ଏହା ସହିତ ସଂକ୍ରମଣରୁ ରକ୍ଷା ପାଇଁ ହାତକୁ ନିୟମିତ ଭାବେ ସାବୁନ ଓ ପାଣିରେ ଧୋଇବା ଦରକାର। କାଶିବା ଓ ଛିଙ୍କିବା ସମୟରେ ମୁହଁ ଓ ନାକକୁ କପଡ଼ାରେ ଘୋଡ଼େଇ ରଖନ୍ତୁ। ଆବଶ୍ୟକ ସମୟରେ ମାସ୍କ ପିନ୍ଧନ୍ତୁ। ହାତ ନ ଧୋଇ ନାକ, ପାଟି ଆଖିକୁ ସ୍ପର୍ଶ କରନ୍ତୁ ନାହିଁ। ସେ କପଡ଼ା ଗୁଡ଼ିକୁ ଭଲ ଭାବେ ବିଶୋଧିତ କରି ଗରମ ପାଣିରେ ସିଝାଇ ତୀବ୍ର ଖରାରେ ଶୁଖାନ୍ତୁ। ନିଜେ ଯଦି ଅସୁସ୍ଥ ଅନୁଭବ କରୁଛ ତେବେ ଏକାନ୍ତବାସରେ ରୁହନ୍ତୁ। କାରଣ ସଂକ୍ରମିତ ପିଲା ବା ବ୍ୟକ୍ତିଙ୍କ ନାକ ଓ ପାଟିରୁ ବାହାରୁଥିବା ଜଳୀୟ କଣିକା ଅନ୍ୟକୁ ସଂକ୍ରମିତ କରିଥାଏ। ଏବେ ଶୀତଦିନ ପଡ଼ିଥିବାରୁ ପ୍ରାୟତଃ ଥଣ୍ଡା ଓ ସର୍ଦ୍ଦି କାରଣଟି ପିଲାମାନଙ୍କ ସମସ୍ୟାକୁ ବଢ଼ାଇ ଦେବାର ସମ୍ଭାବନା ରହିଛି। ଏନ୍‌ଫ୍ଲୁଏନଞ୍ଜା ଏଚ୍ଏମ୍ପିଭି ଭୂତାଣୁ କୋଡ଼ି-୧୯ ଭୂତାଣୁ ଅନୁରୂପ।

ସରକାରଙ୍କ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ଯୁଗ୍ମ ତଦାରଖ ଗୋଷ୍ଠୀ ଡକାଇ ଯେଉଁଥିରେ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ଓ ଭାରତୀୟ ଆର୍ୟୁବିଜ୍ଞାନ ଗବେଷଣା ପରିଷଦର ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ବ୍ୟାପକ ଆଲୋଚନା, ପରାମର୍ଶ ଓ ବୈଠକ ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବିବୃତ୍ତି ଅନୁଯାୟୀ ଭାରତରେ ହ୍ୟୁମାନ ମେଟାନ୍ୟୁମୋଭାଇରସ୍ ଭଳି ଭୂତାଣୁ ପୂର୍ବରୁ ବି ରହିଛି। ବର୍ତ୍ତମାନ ଭାରତରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଯେକୌଣସି ପ୍ରକାର ସମ୍ଭାବ୍ୟ ଭୂତାଣୁର ମୁକାବିଲା କରିବାର ସମର୍ଥ। ଏଥିସହ ଭୟ ନକରିବା ଓ ସ୍ୱାସ୍ଥ୍ୟ ସତର୍କତା ଗୁଡ଼ିକର ପାଳନ ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। କୌଣସି ଲକ୍ଷଣ ଦେଖାଦେଲେ ଡାକ୍ତରୀ ପରାମର୍ଶ ନେବାକୁ କୁହାଯାଇଛି। ତେବେ ଏ କ୍ଷେତ୍ରରେ ସମସ୍ତ ସରକାରୀ ଡାକ୍ତରଖାନାର ସୁବିଧା ସୁଯୋଗ, ପରୀକ୍ଷା ନିରୀକ୍ଷାର ସୁଯୋଗ ନିଅନ୍ତୁ। କୌଣସି ପ୍ରକାର ଦେଶୀୟ, ଗୁଣିଗାରେଡ଼ି ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ କିମ୍ବା କୌଣସି କାନକୁହା କଥା, ଗୁଜବକୁ ବିଶ୍ୱାସ କରନ୍ତୁନାହିଁ କିମ୍ବା ଏହାର ପ୍ରଚାର ପ୍ରସାର କରନ୍ତୁ ନାହିଁ। ଏହି ନୂଆ ଭୂତାଣୁକୁ ନେଇ ମନଗଢ଼ା କାହାଣୀ ସୃଷ୍ଟି କରି ବିଶେଷକରି ସୋସିଆଲ ମିଡ଼ିଆରେ ଆଦୌ ପ୍ରଚାର କରି ଲୋକମାନଙ୍କୁ ଭୟଭୀତ କରନ୍ତୁ ନାହିଁ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
**E-mail : drjyotiranjanchampatray123@gmail.com**

ମହକ

## ଯୁବ ଚେତନାର ଅନନ୍ୟ ସ୍ୱର :

# ସ୍ୱୟଂସେବକ ପ୍ରକାଶ ଚନ୍ଦ୍ର ମହାପାତ୍ର

ସମାଜସେବା, ଦେଶଜାତି ପାଇଁ ଉତ୍ସର୍ଗୀକୃତ ଭାବନା, ତ୍ୟାଗ ଆଉ ଶୋଭନୀୟ ଚିନ୍ତା ଚେତନାକୁ ଏକତ୍ରିତ କଲେ, ସେଥିରୁ ନିଷ୍କର୍ଷ ବାହାରିବ ସେହି ପୂଜ୍ୟପାଦ ବରେଣ୍ୟ ମହାପୁରୁଷଙ୍କ ଆଦର୍ଶ ଆଉ ସାଧନାର ଅମୃତ ସ୍ୱର ଆଉ ଝଙ୍କାର। ସେଦିନ ନିଜ ପୁଅର ଜ୍ୱର ସତ୍ତ୍ୱେ ପୂଜ୍ୟପାଦ ଗୋପବନ୍ଧୁ ପୀଡ଼ିତ ଜନତାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସେବା କରିବାକୁ ଚାଲିଯାଇଥିଲେ। ସେହି ମହତ୍ କାର୍ଯ୍ୟର ବା ଭାବଧାରାର ଅନୁପ୍ରାଣିତ ଯୁବ ସୁଲଭ ଉଦୀୟମାନ ପ୍ରତିଭା, ସ୍ୱୟଂସେବକ, ଅନନ୍ୟ ଆଦର୍ଶ ଆଉ ତ୍ୟାଗ ସମର୍ପଣର ଜଣେ ପ୍ରତୀକ ଯୁବ ସମାଜସେବୀ ପ୍ରକାଶ ଚନ୍ଦ୍ର ମହାପାତ୍ର ଏକ ଚିହ୍ନାମୁହଁ। ମୟୂରଭଞ୍ଜ ଜିଲ୍ଲା ଶୁଲିଆପଦା ବ୍ଲକ୍ ଉପକଣ୍ଠ ପୋଷ୍ଟ ଦେଉଳିସ୍ଥ ଗୁଣ୍ଡୁରୀଲୋଚା ଗ୍ରାମରେ ପିତା ରଂଜିତ ମହାପାତ୍ର ଓ ମାତା ଆରତୀ ମହାପାତ୍ରଙ୍କ ସୁପୁତ୍ର ୧୯୯୭ ମସିହାର ଜନ୍ମ ଗ୍ରହଣ କରିଥିଲେ। ଏହି ଯୁବ ପ୍ରତିଭାଙ୍କ ବାଲ୍ୟ ଶିକ୍ଷା ଆରମ୍ଭ ହୁଏ ଅଛଡା ପ୍ରାଥମିକ ବିଦ୍ୟାଳୟରୁ ପରେ ବାପୁଜୀ ହାଇସ୍କୁଲ, ସାନବେଲାକୁଟୀରୁ ମାଟ୍ରିକ, ଯୁକ୍ତଦୁଇ ନେତାଜୀ ମେମୋରିଆଲ ସିଟି କଲେଜ କଟକ, ସମାଜ ବିଜ୍ଞାନରେ ଯୁକ୍ତ ତିନି ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ପରେ ସମାଜ ବିଜ୍ଞାନରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଶେଷ କରି ଅଧୁନା ଗ୍ରାମୀଣ ବିକାଶ ଛାତ୍ର ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପିଜି କରୁଛନ୍ତି। ସେ ଅଧୁନା ଦୀନବନ୍ଧୁ ସାହୁ ଆଇନ କଲେଜ୍ କେନ୍ଦ୍ରାପଡ଼ାରେ ମଧ୍ୟ ଏଲ୍ଏଲ୍ବି ପଢୁଛନ୍ତି। ପାଠପଢ଼ା ସହ ଏକ ଘରୋଇ ଉଦ୍ୟୋଗରେ କାର୍ଯ୍ୟରତ। ସ୍କିଲ ଡେଭଲପମେଣ୍ଟ ଟ୍ରେନିଂ ସେଣ୍ଟର ଜରିଆରେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ନିଯୁକ୍ତି ଭିତ୍ତିକ ଦକ୍ଷତା ଟ୍ରେନିଂ ବିଷୟରେ ଶିକ୍ଷିତ ଯୁବକ,



ଯୁବତୀଙ୍କୁ ଚାକିରୀ ସମ୍ବନ୍ଧୀୟ ଜନସଚେତନତା ମଧ୍ୟ ପ୍ରଦାନ କରି ବହୁ ପିଲାଙ୍କୁ କାର୍ଯ୍ୟକ୍ଷମ କରାଇଛନ୍ତି। ସେ ଜାତୀୟ ଯୁବ ପ୍ରକଳ୍ପର କଟକ ଜିଲ୍ଲା ଆବାହକ ଦାୟିତ୍ୱରେ ଅଛନ୍ତି। ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ୟୁଥ୍ କ୍ୟାମ୍ପ କରି ଯୁବକଙ୍କ ମନରେ ଦେଶ ପ୍ରେମ ଜାଗ୍ରତ କରେଇବା, ସଦ୍ଭାବନା ସୃଷ୍ଟି କରିବା ଯାହାକି ଜାତୀୟତାର ଅନୁପମ ସ୍ୱାକ୍ଷର ବହନ କରେ। ସେବାପ୍ରାଣ ପ୍ରକାଶ ବହୁବିଧ ସେବାରେ ନିଜର ସମୟ ଶ୍ରମଦାନ କରିଚାଲିଛନ୍ତି। ସେ ଏଯାବତ୍ ୩୮ ଥର ରକ୍ତଦାନ ଓ ୫ଥର ଏସ୍ଡିପି ଦାନ କରି ଯୁବପିଢି ପାଇଁ ଉଦାହରଣ ସୃଷ୍ଟି କରି ପାରିଛନ୍ତି। କଟକ ବଡ଼ ଡ଼ାକ୍ତରଖାନାରେ ରୋଗୀଙ୍କୁ ସେବା ପ୍ରଦାନ, ଚିକିତ୍ସା ବିଷୟରେ ଦୂର ଦୂରାନ୍ତରୁ ଆସୁଥିବା ରୋଗୀମାନଙ୍କୁ ସଠିକ୍ ମାର୍ଗ ଦର୍ଶନ କରାଇବା, ରକ୍ତଦାନ ଶିବିର ଆୟୋଜନ ସହ ନିୟମିତ ରକ୍ତଦାନ, ଯୁବ ଚେତନା ଶିବିର ଆୟୋଜନ, ବୃକ୍ଷରୋପଣ, କରୋନା ମହାମାରୀରେ ସଚେତନତା କାର୍ଯକ୍ରମ, ଖାଦ୍ୟ ବଣ୍ଟନ ସହ ସେହି ସମୟରେ ମୟୁରଭଞ୍ଜ ଜିଲ୍ଲା ପୁରୁଣା ବାରିପଦାରେ ମହାରାଷ୍ଟ୍ରର ୬୦ ଜଣଙ୍କ ପାଇଁ ଦୁଇମାସ ଖାଦ୍ୟ ବ୍ୟବସ୍ଥା କରେଇବା ସହ ତାଙ୍କ ଘରକୁ ଫେରିବା ପାଇଁ ଟିକେଟର ବ୍ୟବସ୍ଥା, ଫନୀ ପରି ବାତ୍ୟାରେ ଲୋକଙ୍କୁ ସହାୟତା, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମୂଳକ ଦକ୍ଷତା ଶିକ୍ଷା ଦେଇ ଚାକିରୀ ଦେବା, ଆଶ୍ରମମାନଙ୍କରେ ସେବା ଆଦି ଅତି ମାନବୀୟ କାର୍ଯ୍ୟ କରି ଚାଲିଛନ୍ତି। ଛାତ୍ର ସମୟରେ ଏନ୍ସିସି, ଏନ୍ଏସ୍ଏସ୍, ଏନ୍ୱାଇପି ମାଧ୍ୟମରେ ବହୁ ସେବା କାର୍ଯ୍ୟ କରିବା ସହ ଷ୍ଟୁଡେଣ୍ଟ୍ ଟ୍ରାଫିକ ଭଲେଣ୍ଟିଅର ଭାବେ ଟ୍ରାଫିକ ଶୃଙ୍ଖଳା ନିୟନ୍ତ୍ରଣ କରିବା ଆଦି ଅନେକ ଗୁଣାତ୍ମକ କାର୍ଯ୍ୟର ସେ ନାୟକ, ତାଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ପଡ଼ିବ। ସେ ନିୟମିତ ଯୋଗ, ପ୍ରାଣାୟମ ପ୍ରଚାର ପ୍ରସାର ଓ ନିରାମୟ ଜୀବନଯାପନ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ବିଦ୍ୟାର୍ଥି ଜୀବନ କିପରି ଶୁଦ୍ଧ, ଶାନ୍ତ, ଭଦ୍ର, ତ୍ୟାଗୀ, ସଂଯମୀ, ପରିଶ୍ରମୀ, ଅଧ୍ୟୟନ ପ୍ରେମୀ ବା ଜ୍ଞାନ ପିପାସୁ ଆଦି ମହନୀୟ ବାସ୍ତବ ଗୁଣଗୁଡ଼ିକୁ ସେ ଆପଣାଇ ଆଜି ଖୁବ୍ ଉଚ୍ଚାଙ୍ଗ ସ୍ତରରେ ପହଞ୍ଚି ପାରିଛନ୍ତି ଯାହାକି ଯୁବ ସମାଜ ପାଇଁ ପ୍ରେରଣା। ଏଥିସହ ସେ ଜାତୀୟ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ସଙ୍ଗଠନ ପକ୍ଷରୁ ସମ୍ମାନିତ ଆଉ ସମ୍ବର୍ଦ୍ଧିତ। ସେ କନ୍ୟାଦାନ ଫାଉଣ୍ଡେସନ୍ ନୂଆଦିଲ୍ଲୀ ପକ୍ଷରୁ ନ୍ୟାସନାଲ୍ ୟୁଥ୍ ବ୍ରିଲିଆନ୍ସ ଆୱାର୍ଡ଼ -୨୦୨୩ ଭଳି ମର୍ଯ୍ୟାଦାଜନକ ସମ୍ମାନ ଲାଭ କରି ଆମ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ନିଜ ଗାଁରୁ କଟକରେ ଆସିବା ପରେ ଆର୍ଥିକ ସମସ୍ୟା ନେଇ ପେପର ବିକ୍ରି କାର୍ଯ୍ୟରେ ରହି ପଢା ଖର୍ଚ୍ଚ ବାହାର କରୁଥିଲେ, ଘରୋଇ କୋଚିଙ୍ଗ ସେଣ୍ଟରରେ ପାଠ ପଢ଼ାଇବା ପୁଣି ରିଲାୟନ୍ସ ଫ୍ରେସରେ ମଧ୍ୟ ବିକ୍ରେତା ଭାବେ କିଛିଦିନ ଚାକିରୀ କରିଛନ୍ତି ଯାହାକି ଜୀବନ ଯାତ୍ରାରେ ବହୁ କଣ୍ଟକିତ ଅଧ୍ୟାୟ ଦେଇ ଗତି କରି ଆଜି ସମୟର ଆହ୍ୱାନକୁ ଜିତିଛନ୍ତି। ଶିକ୍ଷାର ବିକାଶ ଲକ୍ଷ୍ୟନେଇ ସେ ବିଭିନ୍ନ ବସ୍ତି ଅଞ୍ଚଳର ପିଲାମାନଙ୍କୁ ଶିକ୍ଷାଦାନ କରାଇବା, ସେମାନଙ୍କୁ ସଂସ୍କାର, ଉନ୍ନତିର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ମେଧା ପ୍ରତିଭାଙ୍କୁ ଉତ୍ସାହିତ କରିବା ଆଦି ଅନେକ ଗଠନ ମୂଳକ ସମାଜ ବିକାଶ କାର୍ଯ୍ୟର ସେ ହେଉଛନ୍ତି ଅନନ୍ୟ ସୃଜନଶୀଳ ସ୍ରଷ୍ଟା। ଏହି ଯୁବ ସମାଜସେବୀ ପ୍ରକାଶଙ୍କ ନିସ୍ୱାର୍ଥପର ସାଧନା ସଫଳ ହେଉ ଏତିକି କାମନା।





# ବିଚ୍ଛନ୍ଦଚରଣ ପଟ୍ଟନାୟକ

ବାଦଲ ଭୂୟାଁ

ବିଚ୍ଛନ୍ଦଚରଣ ପଟ୍ଟନାୟକ ବିଂଶ ଶତାବ୍ଦୀରେ ତାଳପତ୍ର ପୋଥିରୁ ଉଦ୍ଧାର କରାଯାଇ ସଂପାଦନା ଓ ସଂକଳନ କରାଯାଇଥିବା ଓଡ଼ିଆ ସାହିତ୍ୟ କାମରେ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ଗଠିତ ପ୍ରାଚୀ ସମିତି (୧୯୨୬)ର ଜଣେ ସହଯୋଗୀ ଥିଲେ। ଇଂରେଜୀ ଭାଷା ସାହିତ୍ୟରେ ତାଙ୍କର ଅସାଧାରଣ ବ୍ୟୁତ୍ପତ୍ତି ଓ ପାରଦର୍ଶିତା ଥିଲା। ପ୍ରାଚୀ ସମିତି ପକ୍ଷରୁ ପ୍ରକାଶ ପାଉଥିବା ତ୍ରୟମାସିକ ଇଂରେଜୀ ଭାଷାର ପତ୍ରିକା ଦ ପ୍ରାଚୀ (୧୯୩୧-୩୩)ର ସଂପାଦକ, ପ୍ରକାଶକ ଓ ଛାପାକାର ମଧ୍ୟ ଥିଲେ ବିଚ୍ଛନ୍ଦଚରଣ। ଏହି ପତ୍ରିକାର ପ୍ରଥମ ଖଣ୍ଡରେ ତାଙ୍କ ଦ୍ୱାରା ଅନୂଦିତ ବଳଦେବ ରଥଙ୍କ କବିତା ହ୍ୱାଟ ଏଗ୍‌ଜାଟ୍‌ଲି ଦେନ୍ ଇଜ୍ ଲଭ ଶୀର୍ଷକରେ ପ୍ରକାଶ ପାଇ ତତ୍କାଳୀନ ଅନେକ ବିଦ୍ୱାନଙ୍କ ଦୃଷ୍ଟି ଆକର୍ଷଣ ହୋଇପାରିଥିଲା। ଅଭିମନ୍ୟୁ ସାମନ୍ତସିଂହାରଙ୍କ ବିଦଗ୍ଧ ଚିନ୍ତାମଣିର ଅନ୍ୟ ଏକ ଲୋକପ୍ରିୟ ଛାନ୍ଦ (କହନ୍ତି ଧରି ବିଶାଖିକା ହାଥ, କହ ପୀରତି କି ଜାତି ପଦାର୍ଥ)କୁ ସେ ଦ ଭିକ୍‌ଟିମ୍ ଅଫ୍ କୃଷ୍ଣଜ ଲଭ୍ ଶୀର୍ଷକରେ ଅନୁବାଦ କରି ପ୍ରକାଶ କରିଥିଲେ। ପ୍ରାଚୀ ସମିତିର ଆଭିମୁଖ୍ୟ ଥିଲା ଦ ପ୍ରାଚୀ ଜରିଆରେ ଓଡ଼ିଶାର କଳା, ସାହିତ୍ୟ, ଐତିହ୍ୟ ଓ ବାଣିଜ୍ୟକୁ ବିଶ୍ୱବାସୀଙ୍କ ନିକଟରେ ପରିଚିତ କରାଇବା। ଏହି କାମର ଯଥାର୍ଥ ନେତା ଥିଲେ ବିଚ୍ଛନ୍ଦଚରଣ। ଓଡ଼ିଆ ସାହିତ୍ୟକୁ ବାହାରେ ପରିଚିତ କରାଇବା ପାଇଁ ସଂପ୍ରତି ଅନୁବାଦ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଲାଗି ଯେଉଁ ଆହ୍ୱାନ ଶୁଣାଯାଉଛି, ତାହା ଜାଣିଥିଲେ ପ୍ରାଚୀ ସମିତିର ଦୂରଦ୍ରଷ୍ଟା ସଂଗଠକବୃନ୍ଦ ଓ କରିତକର୍ମା ବିଚ୍ଛନ୍ଦଚରଣ।


ଇଂରେଜୀ ଭାଷାରେ ତାଙ୍କର ପାରଦର୍ଶିତାକୁ ସେ କାଳର ଉତ୍କଳ ଗୌରବ ମଧୁସୂଦନ ଦାସ ପ୍ରଶଂସା କରିଛନ୍ତି। ପ୍ରାଚୀ ସମିତି ତରଫରୁ ପ୍ରକାଶ ପାଇଥିବା ଅନେକ ପୁସ୍ତକର ସଂପାଦନା କରିଛନ୍ତି ବିଚ୍ଛନ୍ଦଚରଣ। ସେଗୁଡ଼ିକ ହେଉଛି - ଗୁରୁଭକ୍ତି ଗୀତା (ପ୍ରଥମ ଭାଗ - ୧୯୩୦), ଚଉତିଶା ମଧୁଚକ୍ର, ଖାଡ଼ଙ୍ଗା ଭାଗବତ (୧୯୩୨), ଶଶିରେଖା (୧୯୩୩)। ପ୍ରାଚୀ ସମିତିରୁ ବିଦାୟ ନେବା ପରେ ୧୯୩୪ରେ ସେ ଭାଷାକୋଷ କାମରେ ଗୋପାଳଚନ୍ଦ୍ର ପ୍ରହରାଜ ଓ ଅନ୍ୟମାନଙ୍କ ସହ ଯୋଡ଼ି ହୋଇଥିଲେ। ୧୯୩୨-୩୪ ଉତ୍କଳ ସାହିତ୍ୟ ସମାଜର ସଂପାଦକ ଦାୟିତ୍ୱ ତୁଲାଇଥିଲେ। ନାଁ ବିଚ୍ଛନ୍ଦଚରଣ। ଅଥଚ ଚରଣ ତାଙ୍କର ଆବାଲ୍ୟ ଅସହଯୋଗୀ। ସେ ଥିଲେ ଦିବ୍ୟାଙ୍ଗ। ଗିରି ଲଂଘିବାରେ ତାଙ୍କର ଦୃପ୍ତ ଉତ୍ସାହ। ଦମ୍ଭିଲା ପ୍ରତ୍ୟୟ ଓ ସ୍ୱାଭିମାନର ଆଦର୍ଶ ବ୍ୟକ୍ତିତ୍ୱ ବିଚ୍ଛନ୍ଦଚରଣ। ଓଡ଼ିଆ ଜାତିର ସାହିତ୍ୟ, କଳା, ସଂସ୍କୃତି ଓ ଇତିହାସ ଗାଥାକୁ ଅବାରିତ, ଅକ୍ଷୁର୍ଣ୍ଣ ଓ ସୁଦୂର ପ୍ରସାରିତ କରିବା ପାଇଁ ସେ ଗଢ଼ିଥିଲେ କଳିଙ୍ଗ ଭାରତୀ (୧୯୪୩) ଅନୁଷ୍ଠାନ। ୧୯୦୧ ଜାନୁଆରୀ ୨୦ ତାରିଖ ଦିନ ଜାଆଁଳାରେ ସେ ଜନ୍ମ ହୋଇଥିଲେ।

**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୯୨୦୪୬୫୨୦୬୫**

## ଏହି ସପ୍ତାହ, ସେହି ବର୍ଷ (ଜାନୁଆରୀ ୧୯-୨୫)

### ଏଇ ସପ୍ତାହ


ଜାନୁଆରୀ ୧୯, ୧୯୮୬-ପ୍ରଥମ କମ୍ପ୍ୟୁଟର ଭାଇରସ୍ ସି.ବ୍ରେନ୍‌କୁ ସକ୍ରିୟ କରାଯାଇଥିଲା।



ଜାନୁଆରୀ ୨୦, ୧୯୬୧-ଜନ୍ ଏଫ୍ କେନେଡି ଆମେରିକାର ୩୫ତମ ରାଷ୍ଟ୍ରପତି ଭାବରେ ଚୟନିତ ହୋଇଥିଲେ।



ଜାନୁଆରୀ ୨୧, ୨୦୧୦-ଆମ ଦେଶରେ ମୋବାଇଲ୍ ପୋର୍ଟେବିଲିଟି ସେବାର ଆରମ୍ଭ ହୋଇଥିଲା।




ଜାନୁଆରୀ ୨୨, ୧୬୭୩- ବୋଷ୍ଟନ୍ ଓ ନ୍ୟୁୟର୍କ ମଧ୍ୟରେ ଡ଼ାକ ସେବାର ଆରମ୍ଭ ହୋଇଥିଲା।



ଜାନୁଆରୀ ୨୩, ୧୯୬୬- ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଇଥିଲେ।



ଜାନୁଆରୀ ୨୪, ୧୯୫୦- ଜନ-ଗଣ-ମନକୁ ଦେଶର ରାଷ୍ଟ୍ରଗୀତର ମାନ୍ୟତା ମିଳିଥିଲା।




ଜାନୁଆରୀ ୨୫, ୧୯୮୦-ପ୍ରସିଦ୍ଧ ସମାଜସେବୀ ମଦର ଟେରେସାଙ୍କୁ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା।






# ପ୍ରବାସର କାଳକୋଠରୀ

ଯୁଧିଷ୍ଠିର ମହାରଣା





ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଚାଲିଥିବାବେଳେ ୟେମେନ୍ ନାଗରିକଙ୍କୁ ହତ୍ୟା ଅଭିଯୋଗରେ ପ୍ରବାସୀ ଭାରତୀୟ ନର୍ସଙ୍କୁ ଏକ ଅଦାଲତ ମୃତ୍ୟୁଦଣ୍ଡାଦେଶ ଖବର ଚର୍ଚ୍ଚିତ ହୋଇଛି। ସୂଚନାଥାଉକି ଏହା ପୂର୍ବରୁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଭାରତର ଆଠ ଜଣ ପୂର୍ବତନ ନୌସେନା ଅଧିକାରୀ ମୁକୁଳିବାକୁ ସକ୍ଷମ ହୋଇଥିବାବେଳେ କିନ୍ତୁ ପାକିସ୍ତାନରେ ସମାନ ଦଣ୍ଡରେ ଦଣ୍ଡକୁ ସାମ୍ନା କରିଥିବା ପୂର୍ବତନ ଭାରତୀୟ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ଭାରତ ଆନ୍ତର୍ଜାତିକ ଅଦାଲତର ସାହାଯ୍ୟ ନେଇଛି। ତେବେ ଏହିପରି ଏକ ସମୟରେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି ଯେ ବାସ୍ତବରେ ବିଶ୍ୱର ବିଭିନ୍ନ ଜେଲରେ କେତେ ଜଣ ପ୍ରବାସୀ ଭାରତୀୟ ବନ୍ଦୀ ଅଛନ୍ତି ଏବଂ ସେମାନଙ୍କ ଦଣ୍ଡ ପାଇବାର ଅଭିଯୋଗଟି କେତେ ଦୂର ସତ୍ୟ ଏବଂ ଯୁକ୍ତିଯୁକ୍ତ। ଏହିପରି ସମୟରେ ଆମେ ଆଜି ଏହି ଛୋଟିଆ ଆଲେଖ୍ୟଟି ପ୍ରସ୍ତୁତ କରୁଛୁ।

ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୨୦୨୩ ସୁଦ୍ଧା ପ୍ରାୟ ୨୧୦ଟି ଦେଶରେ ୩କୋଟି ୨୨ଲକ୍ଷ ୮୫ ହଜାର ୪୨୫ଜଣ ଭାରତୀୟ ସ୍ଥାୟୀ ବସତି ସ୍ଥାପନ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ୧କୋଟି ୩୬ ଲକ୍ଷ ୧ ହଜାର ୭୮୦ ଏବଂ ଭାରତୀୟ ବଂଶୋଦ୍ଭବଙ୍କ ସଂଖ୍ୟା ୧ କୋଟି ୮୬ ଲକ୍ଷ ୮୩ ହଜାର ୬୪୫। ସେହିପରି ବିଶ୍ୱର ବିଭିନ୍ନ ଜେଲରେ ବନ୍ଦୀ ଥିବା ବିଦେଶୀ ନାଗରିକଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ। ୨୦୨୩ ଡିସେମ୍ବର ୮ ତାରିଖରେ ଲୋକସଭାରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି.ମୁରଲୀଧରନ୍ ଦେଇଥିବା ସୂଚନା ଅନୁଯାୟୀ ସମ୍ପ୍ରତି ବିଶ୍ୱର ବିଭିନ୍ନ ଦେଶରେ ୮୯ଟି ଜେଲର ୯୫୨୧ ଭାରତୀୟ କଏଦୀ ଅଛନ୍ତି। ମଧ୍ୟପ୍ରାଚ୍ୟରେ ସର୍ବାଧିକ ୬୨% ଭାରତୀୟ କଏଦୀ ଅଛନ୍ତି। ମଧ୍ୟପ୍ରାଚ୍ୟରେ ପ୍ରତି ୫ ଜଣ ଭାରତୀୟଙ୍କ ମଧ୍ୟରୁ ୩ଜଣ ଜେଲରେ ଥିବାବେଳେ କତାରରେ ବିଭିନ୍ନ ଦେଶର ମୋଟ କଏଦୀମାନଙ୍କ ମଧ୍ୟରୁ ଭାରତୀୟଙ୍କ ସଂଖ୍ୟା ତୃତୀୟ ସର୍ବାଧିକ। ରାଷ୍ଟ୍ରଓ୍ୱାରି ହିସାବ ଅନୁଯାୟୀ, ସାଉଦୀ ଆରବରେ ସର୍ବାଧିକ ୨୨୦୦, ୟୁଏଇରେ ୨୧୪୩, କତାରରେ ୭୫୨, କୁଏତରେ ୪୧୦, ବାହାରିନରେ ୩୧୦ ଓ ଓମାନରେ ୧୩୫ ଜଣ ପ୍ରବାସୀ ଭାରତୀୟ ବନ୍ଦୀ ଅଛନ୍ତି।

ସେହିପରି ନେପାଳରେ ୧୨୨୭, ମାଲେସିଆରେ ୩୦୯, ପାକିସ୍ତାନରେ ୩୦୮, ଚୀନରେ ୧୮୦, ସିଙ୍ଗାପୁରରେ ୮୬, ଭୁଟାନରେ ୫୯, ବାଙ୍ଗଲାଦେଶରେ ୪୭, ଏହିପରି ଏସିଆର ବିଭିନ୍ନ ଦେଶରେ ମୋଟ ୧୨୨୭ ଜଣ ଏବଂ ୟୁକେରେ ୨୭୮, ଇଟାଲୀରେ ୧୬୫, ଜର୍ମାନୀରେ ୭୭, ଫ୍ରାନ୍ସରେ ୪୦ ଓ ସ୍ପେନରେ ୩୦ ଜଣ ପ୍ରବାସୀ ଭାରତୀୟ ବନ୍ଦୀ ଅଛନ୍ତି। ଅନେକ ଦେଶ ଗୋପନୀୟତା ଆଇନ ବଳରେ ଏ ସମ୍ପର୍କିତ ପର୍ଯ୍ୟାପ୍ତ ସୂଚନା ଦେଉ ନଥିବାରୁ ପ୍ରବାସୀ ଭାରତୀୟ କଏଦୀଙ୍କ ସଂଖ୍ୟା ଆହୁରି ଅଧିକ ହୋଇପାରେ।

ଗତ ବର୍ଷ କେନ୍ଦ୍ର ବୈଦେଶିକ ବ୍ୟାପର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଭାରତ ସରକାର କୂଟନୈତିକ ହସ୍ତକ୍ଷେପ ଦ୍ୱାରା ୨୦୧୪ରୁ ୨୦୨୩ ଭିତରେ ୪୫୯୭ଜଣ ବିଚାରଧୀନ ଭାରତୀୟ କଏଦୀଙ୍କୁ ସମ୍ପୃକ୍ତ ଦେଶର ଆଇନ ଅଦାଲତ ଛାଡ଼ କରିଛନ୍ତି କିମ୍ବା ସେମାନଙ୍କର ଦଣ୍ଡ କୋହଳ ହୋଇଛି। ଏଠାରେ ସୂଚାଇ ଦିଆଯାଇପାରେ କି ଏହି କଏଦୀଙ୍କ ବିନିମୟ ଓ ହସ୍ତାନ୍ତର ପାଇଁ ଭାରତ ପୃଥିବୀର ୩୧ଟି ଦେଶ ସହିତ ଟ୍ରାନ୍ସଫର ଅଫ ସେଣ୍ଟେଡ ପର୍ସନ ଚୁକ୍ତି କରିଛି। ଏଥିସହିତ ଭାରତ ମଧ୍ୟ ଇଣ୍ଟର ଆମେରିକାନ କନ୍‌ଭେନ୍‌ସନ୍ ଅନ ସର୍ଭିଂ କ୍ରିମିନାଲ ସେଣ୍ଟେନ୍ସେସ ଆବ୍ରୋଡ ଏବଂ କାଉନ୍‌ସିଲ୍ ଅଫ୍ ୟୁରୋପ, କନ୍‌ଭେନ୍‌ସନ୍ ଅନ୍ ଟ୍ରାନ୍ସଫର ଅଫ୍ ସେଣ୍ଟେନସଡ୍ ପର୍ସନ ନାମରେ ଦୁଇଟି ବହୁପାକ୍ଷିକ ଚୁକ୍ତିନାମାରେ ହସ୍ତାକ୍ଷର କରିଛି, ଯାହାଦ୍ୱାରା ଉଭୟ ଦେଶ ନିଜ ନିଜର କଏଦୀମାନଙ୍କୁ ବିଦେଶ ଜେଲରୁ ନିଜ ଜେଲକୁ ଆଣିପାରିବେ। ଏହି ଚୁକ୍ତିନାମା ଫଳରେ ଭାରତ ସହିତ ଚୁକ୍ତିବଦ୍ଧ ଦେଶ ମାନଙ୍କ ମଧ୍ୟରେ ୨୦୦୬ରୁ ଜାନୁଆରୀ ୨୦୨୨ ପର୍ଯ୍ୟନ୍ତ ୮୫୬ ଜଣ କଏଦୀ ହସ୍ତାନ୍ତରିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବିଭିନ୍ନ ଦେଶରେ ବନ୍ଦୀ ଥିବା ୭୫ଜଣ ବିଦେଶୀ କଏଦୀଙ୍କୁ ଭାରତ ସେମାନଙ୍କ ଦେଶକୁ ହସ୍ତାନ୍ତର କରିଥିଲା।

ଅନେକ ଦେଶରେ ସ୍ଥାନୀୟ ଆଇନର ବ୍ୟାପକତା ଓ ଅନେକ ଜଟିଳ ତର୍ଜମାର ପ୍ରସଙ୍ଗ ରହିଥିବାରୁ ଦଣ୍ଡିତ କଏଦୀଙ୍କୁ ସେମାନଙ୍କ ମୂଳ ଅର୍ଥାତ୍ ସେମାନେ ଜନ୍ମ ଗ୍ରହଣ କରିଥିବା ଦେଶକୁ ପଠାଇବା ନେଇ ଆଇନଗତ କଟକଣା ରହିଛି ଯାହାକି ବହୁ ଚର୍ଚ୍ଚିତ ବିଜୟମାଲ୍ୟା ପରି ଅଭିଯୁକ୍ତଙ୍କୁ ଏକ ପ୍ରକାର ସୁରକ୍ଷା ଦେଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ଭାରତୀୟ ନ୍ୟାୟିକ ପ୍ରକ୍ରିୟା ଅନେକ କ୍ଷେତ୍ରରେ ବିଳମ୍ବିତ ହେଉଥିବାରୁ ଏହି ଭୟରେ ସେମାନେ ସ୍ୱଇଚ୍ଛାରେ ବିଦେଶରେ କୋହଳ ଦଣ୍ଡ ଭୋଗିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଯାଉଛନ୍ତି ବୋଲି କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ଏ ନେଇ ଭାରତ ସରକାର ଦୃଢ଼ ଓ ଶକ୍ତିଶାଳୀ ନିଜର କୂଟନୈତକ କ୍ଷମତା ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ଏକ ବହୁପାକ୍ଷିକ ଓ ସରଳ ଚୁକ୍ତି ସ୍ୱାକ୍ଷର କଲେ ଆମ ଏହି ଧର୍ମପଦମାନେ ପ୍ରବାସର କାଳ କୋଠରୀରୁ ମୁକ୍ତ ହେବାର ସମ୍ଭାବନା ସୃଷ୍ଟି ହେବ।





**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
E-mail : judhister009moharana@gmail.com

ଆସ୍ଥା

# ତ୍ରିବେଣୀ ଅମାବାସ୍ୟା



ଅଲେଖ ଚନ୍ଦ୍ର ସାମଲ

ଗଙ୍ଗା, ଯମୁନା, ସରସ୍ୱତୀଙ୍କର ମିଳନ ସ୍ଥଳରେ ମାଧବ ଉପସ୍ଥିତ ଥିବାରୁ ତାକୁ ତ୍ରିବେଣୀ ସଙ୍ଗମ କୁହାଯାଏ । ତାକୁ ସ୍ମରଣ କରିବା ପାଇଁ ଏହି ଅମାବାସ୍ୟାର ନାମ କରଣ କରାଯାଇଅଛି । ସୂର୍ଯ୍ୟମହତି ସ୍ନାନ ଯୋଗ ଯାହା ବୁଝାଏ ସୂର୍ଯ୍ୟ ନାରାୟଣ (ପ୍ରତ୍ୟକ୍ଷ ଦର୍ଶନ ଦେଉଥିବା ଦେବତା)ଙ୍କ ଉଦ୍ଦେଶ୍ୟରେ





ସୂର୍ଯ୍ୟୋଦୟ ପୂର୍ବରୁ ଅର୍ଥାତ୍ ୩.୩୦ରୁ ୪ ଟା ମଧ୍ୟରେ ମହୋଦଧିରେ ସ୍ନାନ କିମ୍ବା ନଦୀ ଓ ଝରଣାରେ ସ୍ନାନ କରି ସୂର୍ଯ୍ୟାର୍ଘ୍ୟ ଦେବାର ବିଧି ରହିଛି । କାରଣ ନମସ୍କାର ପ୍ରିୟ ସୂର୍ଯ୍ୟ ଅଳଙ୍କାର ପ୍ରିୟ ବିଷ୍ଣୁ ଜଳ ପ୍ରିୟ ମହାଦେବ ବ୍ରାହ୍ମଣ ଭୋଜନ ପ୍ରିୟ ଯାହା ଶାସ୍ତ୍ର କୁହନ୍ତି । ଓଡ଼ିଶାରେ ରହିଥିବା ପ୍ରମୁଖ ଶକ୍ତିପୀଠ ମଧ୍ୟରେ ମା' ବିରଜାଙ୍କ ଶକ୍ତିପୀଠ ଅନ୍ୟତମ। ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ମା'ବିରଜାଙ୍କ ମନ୍ଦିର, ଖୁବ୍ ପୁରାତନ ଦେବୀ ମନ୍ଦିର। ଏହି କ୍ଷେତ୍ର ବିରଜାକ୍ଷେତ୍ର ନାମରେ ମଧ୍ୟ ପରିଚିତ। ଏଠାରେ ଦେବୀ ଦ୍ୱିଭୁଜା ଦୁର୍ଗା ରୂପରେ ପୂଜା ପାଆନ୍ତି। ଗୋଟିଏ ଭୁଜରେ ତ୍ରିଶୂଳ ଓ ଅନ୍ୟ ଭୁଜରେ ଦେବୀ ମହିଷାସୁରର ଲାଙ୍ଗୁଳ ଧରିଥିବାର ଦେଖାଯାଏ। ଦେବୀ ନିଜ ମୁକୁଟରେ ଗଣେଶ, ଶିବଲିଙ୍ଗ, ଯୋନି, ନାଗରାଜ ଓ ଅର୍ଦ୍ଧଚନ୍ଦ୍ର ଧାରଣ କରିଥାନ୍ତି। ପୁରାଣ ଅନୁସାରେ ଦେବୀ ସମସ୍ତ ରଜୋଗୁଣକୁ ଧୋଇ ଦେଉଥିବାରୁ ତାଙ୍କର ନାମ ବିରାଜ ହୋଇ ଏହି କ୍ଷେତ୍ରର ନାମ ବିରଜାକ୍ଷେତ୍ର ହୋଇଛି। ମା'ବିରଜା ଏହି ପୀଠରେ ଅଧିଷ୍ଠାତ୍ରୀ ଦେବୀ। ସେ ବିଭିନ୍ନ ସମୟରେ ବିଭିନ୍ନ ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ପବିତ୍ର ତ୍ରିବେଣୀ ଅମାବାସ୍ୟା ମା' ବିରଜାଙ୍କ ଜନ୍ମଦିନ। ସେଥିଲାଗି ଚଳଚଞ୍ଚଳ ହୋଇଉଠେ ବିରଜାକ୍ଷେତ୍ର। ଏହା ମା'ଙ୍କର ମୁଖ୍ୟପର୍ବ ହୋଇଥିବାରୁ ପୀଠକୁ ସୁସଜ୍ଜିତ ଆଲୋକମାଳରେ ସଜାଯାଇ ଉତ୍ସବ ପାଳନ କରାଯାଏ। ଏହି ଦିନ ମା'ସାବିତ୍ରୀ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ତାଙ୍କୁ ସୁନା ଅଳଙ୍କାର ଓ ହଳଦୀ ରଙ୍ଗର ବସ୍ତ୍ର ପରିଧାନ କରାଯାଇ ବ୍ରହ୍ମାଙ୍କ ସହିତ ଗାୟତ୍ରୀ ମନ୍ତ୍ର ଦ୍ୱାରା ପୂଜା କରାଯାଏ ଯାହାକି ବ୍ରହ୍ମତନ୍ତ୍ରରେ ଉଲ୍ଲେଖ ଅଛି।

ଅନ୍ୟପକ୍ଷରେ ଏହି ଦିନଟି ମୁନି, ଋଷି ମାନଙ୍କର ଜନ୍ମଦିନ ଭାବେ ପାଳିତ ହେଉଥିବାରୁ ଏହି ଅମାବାସ୍ୟାକୁ ମଧ୍ୟ ମୌନ ଅମାବାସ୍ୟା କୁହାଯାଏ। ମକର ରାଶିରେ ସୂର୍ଯ୍ୟ ଓ ଚନ୍ଦ୍ର ଏହି ଦିନରେ ମିଳିତ ହୁଅନ୍ତି। ତେଣୁ ଏହି ଅମାବାସ୍ୟାର ମହତ୍ତ୍ୱ ବହୁତ ବଢ଼ିଯାଏ। ଏହି ଦିନରେ ପବିତ୍ର ନଦୀମାନଙ୍କରେ ସ୍ନାନ କଲେ ପୂର୍ଣ୍ଣଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ। ପାଟନା ପଣ୍ଡିତ ଦୟାନନ୍ଦ ଋଷିଙ୍କ ଅନୁସାରେ ତ୍ରିବେଣୀ ଅମାବାସ୍ୟା ମୁନି, ଋଷିମାନଙ୍କର ଅମାବାସ୍ୟା ଅଟେ। ଏହିଦିନରେ ମୌନବ୍ରତ ପାଳନ କରାଯାଏ। ମୁନି ଶବ୍ଦରୁ ମୌନର ଉତ୍ପତ୍ତି ହୋଇଛି। ସେଥିପାଇଁ ଏହି ବ୍ରତରେ ଯେଉଁ ଋଷି ମୌନବ୍ରତ ଧାରଣ କରି ପୂର୍ଣ୍ଣ ଭାବରେ ପାଳନ କରନ୍ତି ତାଙ୍କୁ ଭଲ ସମ୍ମାନ ଓ ପଦବୀ ମିଳେ। ଏହି ଦିନରେ ମୌନ ରହି ଗଙ୍ଗା ଓ ଯମୁନା ନଦୀରେ ସ୍ନାନ କରନ୍ତି। ଯଦି ଏହ ଅମାବାସ୍ୟା ସୋମବାର ଦିନ ପଡୁଥାଏ ଏହାର ମହତ୍ତ୍ୱ ଆହୁରି ବଢ଼ିଯାଏ। ପବିତ୍ର ମାଘମାସରେ ପଡୁଥିବା ଏହି ଅମାବାସ୍ୟାରେ ଗଙ୍ଗାସ୍ନାନ କଲେ ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ କରାଯାଏ। ମାଘମାସର ଅମାବାସ୍ୟା ଓ ପୂର୍ଣ୍ଣମୀ ବହୁତ ପବିତ୍ରଦିନ। ଏହିଦିନ ପୃଥିବୀରେ ସୂର୍ଯ୍ୟ କି ଚନ୍ଦ୍ରକୁ କୌଣସି ନା କୌଣସି ସ୍ଥାନରେ ଗ୍ରହଣ ଲାଗିଥାଏ। ସେଥିପାଇଁ ଏହି ଦିନକୁ ଧର୍ମାତ୍ମାମାନେ ସ୍ନାନ ସାରି ଦାନ କର୍ମ କଲେ ପୁଣ୍ୟଫଳ ମିଳେ।

ପୁରାଣ ଅନୁସାରେ ଏହି ଦିନ ପବିତ୍ର ନଦୀ ଗଙ୍ଗାରେ ଦେବତାମାନଙ୍କର ଉପସ୍ଥିତି ଥାଏ। ସେଥିପାଇଁ ଏହି ଦିନରେ ଗଙ୍ଗା ସ୍ନାନର ବହୁତ ମହତ୍ତ୍ୱ ଅଛି। ଭକ୍ତମାନେ ପୂର୍ବରୁ ଏକତ୍ରିତ ହୋଇ କୁଡ଼ିଆ କରି ରହିଥାନ୍ତି। ପବିତ୍ର ଅମାବାସ୍ୟାରେ ଗଙ୍ଗା-ଯମୁନା-ସରସ୍ୱତୀ ନଦୀର ସଙ୍ଗମ ସ୍ଥାନ ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ଶରୀର ଶୁଦ୍ଧି ହୋଇଥାଏ। ଏହି ଦିନ ମୌନ ରହିଲେ ମନର ଶୁଦ୍ଧି ଆଉ ଦାନ କଲେ ଧନ ବୃଦ୍ଧି ହୁଏ ଏବଂ ଏହି ଦିନ ଗଙ୍ଗାରେ ସ୍ନାନ କଲେ ମନୁଷ୍ୟର ଶାରୀରିକ, ଭୌତିକ ଓ ଦୈବିକ ପାପ ନାଶ ହୋଇଯାଏ। ତ୍ରିବେଣୀ ଅମାବାସ୍ୟା ଦିନ ସ୍ୱର୍ଗର ସବୁ ଦେବତାମାନେ ଗଙ୍ଗାରେ ବାସ କରିଥାନ୍ତି ଯାହା ଫଳରେ କି ଏଠାରେ ସ୍ନାନ କଲେ ସବୁ ପାପ ଦୂର କରିଦିଅନ୍ତି। ପୁରାଣ ଅନୁସାରେ ତ୍ରିବେଣୀ ଅମାବାସ୍ୟା ଦିନ ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ସ୍ୱର୍ଗପ୍ରାପ୍ତି ହୋଇ ଜୀବନ ମୋକ୍ଷ ହୋଇଯାଏ ବୋଲି ବିଶ୍ୱାସ ଅଛି। ପ୍ରୟାଗ ତୀର୍ଥମାନଙ୍କର ରାଜା। ଏହା ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ମିଳନ ସ୍ଥଳ। ତ୍ରିବେଣୀ, ବେଣୀମାଧବ, ସୋମନାଥ, ଭରଦ୍ୱାଜ ମୁନି ଆଶ୍ରମ, ବାସୁକୀନାଥ ଓ ଶେଷନାଥଙ୍କର ପବିତ୍ର ସ୍ଥାନ। ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ କରି ନିତ୍ୟକର୍ମ ସାରି ତିଳ, ତିଳଲଡୁ, ତିଳତେଲ, ଅଁଳା ଆଉ ବସ୍ତ୍ର ଆଦି ଦାନ କଲେ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ। ଏହି ଅମାବାସ୍ୟା ଠାରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ କି ଗୋଟିଏ ବର୍ଷ ମୌନବ୍ରତ ଧାରଣ କଲେ ମାନସିକ ଓ ଶାରୀରିକ କଷ୍ଟ ନାଶ ହୁଏ। ପବିତ୍ର ତ୍ରିବେଣୀ ସଂଗମ ସ୍ଥଳରେ ସ୍ନାନ କଲେ ହଜାର ରାଜଯଜ୍ଞର ସମାନ ଫଳ ମିଳେ। ସଂଗମସ୍ଥଳରେ ସ୍ନାନ କରିବାର ସୁଯୋଗ ନଥିଲେ ତେବେ ଗୃହ କିମ୍ବା ପୁଷ୍କରିଣୀରେ ଗଙ୍ଗାଜଳ ମିଶ୍ରିତ ପାଣିରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଉପାସନା କରି ଦାନ ଧର୍ମ କଲେ ଦେବତା ଓ ପୂର୍ବ ପୁରୁଷମାନଙ୍କର ଆଶୀର୍ବାଦ ମିଳେ। ଆଉ ଲକ୍ଷେ ବର୍ଷର ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି। ମୁନି ଋଷିମାନଙ୍କର ମାନ୍ୟତା ଅନୁସାରେ ତ୍ରିବେଣୀ ଅମାବାସ୍ୟାର ବହୁତ ମହତ୍ତ୍ୱ ଅଛି। ମୌନ ଅମାବାସ୍ୟା ଠାରୁ ମହାଶିବରାତ୍ରି ଯାଏ



ସେମାନେ ମୌନବ୍ରତ ଧାରଣ କରନ୍ତି। ସେମାନେ ମାନନ୍ତି ଯେ, ଯେତେବେଳେ ସୂର୍ଯ୍ୟଚକ୍ର ପୁରା ହେଉଥାଏ ସେତେବେଳେ ସବୁ ଜଳରାଶି ଉପରେ ଏହାର ବହୁତ ପ୍ରଭାବ ପଡ଼ିଥାଏ। ଆମ ଜାଣୁ ଯେ, ମାନବ ଶରୀରର ୭୦ ଭାଗ ଜଳ। ତେଣୁ ସୂର୍ଯ୍ୟଚକ୍ରର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ। ଏହି ପବିତ୍ର ଅମାବାସ୍ୟାକୁ ମୌନ ରହି ପାଳନ କଲେ ମନୁଷ୍ୟ ଶରୀରକୁ ବହୁତ ଉପକାର ମିଳିବା ସହ ମାନସିକ ଶାନ୍ତି ମଧ୍ୟ ମିଳିଥାଏ।

**ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,**
E-mail : alekha007samal@gmail.com

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

# ଅଶ୍ଳୀଳତାକୁ ନେଇ ବିବାଦ ତେଜୁଛି !

ଓଡ଼ିଆ ଯାତ୍ରାକୁ ନେଇ ବିବାଦ ତେଜୁଛି, ତାହା ବିଶେଷକରି ନଗ୍ନତାକୁ ଗୁରୁତ୍ୱ ଦେଇ। ଆଗକୁ ଖଣ୍ଡଗିରି ମେଳା ଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯିବା କଥା କୁହାଯାଉଛି। ଐତିହାସିକ ଖଣ୍ଡଗିରି ମେଳାରେ ବିଶେଷ ଭାବରେ ଯାତ୍ରା ମହାକୁମ୍ଭ ଦେଖିବାକୁ ମିଳିଥାଏ। ଛଅଟି ପେଣ୍ଡାଲରେ ୧୨ଟି ଯାତ୍ରାନୁଷ୍ଠାନ ଯାତ୍ରା ପରିବେଷଣ କରିବାର ଯୋଜନା ରହିଛି। ଖଣ୍ଡଗିରି ମେଳାରେ ଯେଭଳି ଭାବରେ ଅଶ୍ଳୀଳ ନୃତ୍ୟ ପରିବେଷଣ ହୋଇପାରିବ ନାହିଁ, ସେଥିପାଇଁ କମିଟି ଓ ପ୍ରଶାସନ ପକ୍ଷରୁ ମିଳିତ ବୈଠକରେ ନିଷ୍କର୍ଷ ବାହାରିଛି। ଏହାକୁ ନେଇ ଅନେକ ବାଦବିସମ୍ବାଦ ମଧ୍ୟ ଦେଖିବାକୁ ମିଳିଛି। ଗୋଟେପଟେ ଏହା ଏକ ଉପଯୁକ୍ତ ପଦକ୍ଷେପ ବୋଲି କିଛି କହିବା ସହ ଅନ୍ୟପକ୍ଷରେ ନୃତ୍ୟ ପରିବେଷଣ କରୁଥିବା ନର୍ତ୍ତକୀ ପେଟପାଟଣାକୁ ନେଇ ବିରୋଧ କରିବା ସହିତ ନାଚର ପାରାମିଟର କେତେ ରହିବା ଦରକାର, ତାହା ସ୍ଥିର କରି ସେମାନଙ୍କୁ ନାଚ ପରିବେଷଣ କରିବାର ସୁଯୋଗ ଦିଆଯାଉ ବୋଲି ଅପିଲ୍ କରିଛନ୍ତି। ଅନେକ ବୁଦ୍ଧିଜୀବୀ ମଧ୍ୟ ଏ ଘଟଣା ପାଇଁ ମୁହଁ ଖୋଲିଛନ୍ତି। କହିଛନ୍ତି, କେବଳ ଖଣ୍ଡଗିରି ମେଳା ନୁହେଁ ସାରା ଓଡ଼ିଶାରେ ନଗ୍ନ ନୃତ୍ୟ ପରିବେଷଣ ବନ୍ଦ ପାଇଁ ଗାଇଡ୍‌ଲାଇନ୍ ଆଣିବା ଦରକାର। ଓଡ଼ିଶାର କଳା-ସଂସ୍କୃତିର ଗାରିମାକୁ ଏହି ନଗ୍ନ ନୃତ୍ୟ ନଷ୍ଟ କରୁଛି ବୋଲି ଅଭିଯୋଗ ମଧ୍ୟ ଆଣିଛନ୍ତି। ସରକାର ଏବାବଦରେ କୌଣସି ନିର୍ଦ୍ଦିଷ୍ଟ ତଥା କଡ଼ା ଆଇନ ପ୍ରଣୟନ କରି ନଥିବାରୁ ଏହା କେତେ କାର୍ଯ୍ୟକାରୀ ହୋଇପାରିବ, ସେନେଇ ଦ୍ୱନ୍ଦ୍ୱ ମଧ୍ୟ ଦେଖାଦେଇଛି।



## ଯାତ୍ରାରେ ନାଚ, ସୋସିଆଲ ମିଡିଆରେ ଗାଲିଗୁଲଜ

ଯାତ୍ରାରେ ନାଚ କରୁଥିବା ନର୍ତ୍ତକୀମାନେ ସୋସିଆଲ ମିଡିଆରେ ଟାର୍ଗେଟ ନେଇ ଗାଲିଗୁଲଜ କରୁଥିବା ଦେଖାଯାଉଛି। ଅନେକ ଅଭିଯୋଗ କରୁଛନ୍ତି, ଯେଉଁମାନେ ସୋସିଆଲ ମିଡିଆରେ ନଗ୍ନ ନାଚକୁ ନେଇ ବିରୁଦ୍ଧ କରୁଛନ୍ତି କିମ୍ବା ଟ୍ରୋଲ କରୁଛନ୍ତି, ସେମାନଙ୍କୁ ନର୍ତ୍ତକୀମାନେ ଅତି ଅଶାଳୀନ ଭାଷାରେ ଗାଲି ଗୁଲଜ କରୁଥିବା ଅଭିଯୋଗ ହେଉଛି। ଏପରିକି ନିଜ ନିଜ ଭିତରେ ନର୍ତ୍ତକୀମାନେ ଅତି କୁତ୍ସିତ ଭାଷାରେ ପରସ୍ପର ମଧ୍ୟରେ ଗାଲିଗୁଲଜ ହେଉଥିବା ଦେଖିବାକୁ ମିଳୁଛି। ଯାତ୍ରାରେ ନାଚିବାକୁ ନେଇ ଯଦି ଏଭଳି କୁତ୍ସାରଟନା ପରସ୍ପର ମଧ୍ୟରେ ଚାଲେ, ତାହେଲେ ଯାତ୍ରାର ପଦମର୍ଯ୍ୟାଦା ହାନି ହେଉଥିବା କଥା ଅନେକ ବୁଦ୍ଧିଜୀବୀ ମଧ୍ୟ କୁହନ୍ତି। ସୋସିଆଲ ମିଡିଆରେ କୌଣସି ପ୍ରତିବନ୍ଧକ ରହୁ ନଥିବା କାରଣରୁ ନର୍ତ୍ତକୀମାନଙ୍କର ଅଶ୍ଳୀଳ ନାଚର ଭିଡ଼ିଓ ମଧ୍ୟ ଘୂରି ବୁଲୁଛି। ଅନ୍ୟ ଆଞ୍ଚଳିକ ରାଜ୍ୟର ନଗ୍ନ ନୃତ୍ୟ ପରି ଓଡ଼ିଶାର କଳା-ସଂସ୍କୃତି ସହଜ ଭାବରେ ନିଲାମ ହୋଇଯାଉଛି ବୋଲି ଅଭିଯୋଗ କରିଛନ୍ତି ଜଣେ ବରିଷ୍ଠ କଳାକାର। ଯାତ୍ରା ଭଳି ଏକ ବିଶାଳ ମୁକ୍ତାକାଶ ରଙ୍ଗମଞ୍ଚ ଓଡ଼ିଶାର କଳାକୁ ଯେଭଳି ଭାବରେ ମହନୀୟ କରିଛି, ଏହି ନୃତ୍ୟ ସବୁ କିଛି ନଷ୍ଟ କରିଦେଉଛି ବୋଲି ଅନ୍ୟଜଣେ କଳାକାର ଅଭିଯୋଗ ଆଣନ୍ତି।



## ସବୁଠି ବ୍ୟାନ ପାଇଁ ଉଠିଲାଣି ସ୍ୱର

ଏଭଳି ଅଶ୍ଳୀଳ ନୃତ୍ୟ ପରିବେଷଣ ପାଇଁ ଏବେ ବୁଦ୍ଧିଜୀବୀ ଓ ଯାତ୍ରା ଦର୍ଶକ ମହଲରେ ବିରୋଧ ଦେଖିବାକୁ ମିଳିଲାଣି। କେତେକ ନିର୍ଦ୍ଦିଷ୍ଟ ଧରଣର ଦର୍ଶକଙ୍କ ପାଇଁ ଆଜି ଯାତ୍ରା ଯେଭଳି ଭାବରେ ବଦନାମ ହେଉଛି, ଏହାକୁ ବରଦାସ୍ତ କରାଯାଇପାରିବନି ଅନେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। କେବଳ ଖଣ୍ଡଗିରି ମେଳା କାହିଁକି ସାରା ରାଜ୍ୟରେ ଅଶ୍ଳୀଳ ନୃତ୍ୟ ପରବେଷଣକୁ ବନ୍ଦ କରିବା ଦରକାର ବୋଲି କହୁଛନ୍ତି। ପରିବାର ସହ ବସି ଯାତ୍ରା ଉପଭୋଗ କରିବା ଭଳି ଅବସ୍ଥାରେ ନାହିଁ। ନର୍ତ୍ତକୀମାନେ ଯେଭଳି ଭାବରେ ଅଙ୍ଗପ୍ରଦର୍ଶନ କରି ନୃତ୍ୟ ପରିବେଷଣ କରୁଛନ୍ତି, ତାହା ଯେଉଁ ସୀମା ଲଙ୍ଘି ଯାଉଛି, ଅତ୍ୟନ୍ତ ଚିନ୍ତାଜନକ ବିଷୟ ବୋଲି ମଧ୍ୟ କହୁଛନ୍ତି। ଏହାଦ୍ୱାରା ପରିବାର ଓ ପିଲାଛୁଆଙ୍କୁ ନେଇ ଯାତ୍ରା ଦେଖିବା ସମ୍ଭବ ହେଉନାହିଁ ବୋଲି ଅଭିଯୋଗର ଫର୍ଦ୍ଦ ଲମ୍ବି ଲମ୍ବି ଚାଲିଛି।



ରାକୁଲ ପ୍ରୀତ ସିଂ

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com